

ନାରୀ ସୁରକ୍ଷା
Nari Surakhya
ଜୁନ୍ - ୨୦୨୬
ରଜ ବିଶେଷାଙ୍କ
www.narisurakhya.com

# Editorial Board



Dr. Lalita Satpathy,
Chief Editor


Bidut Kumari Lala
Associate Editor


Dr. Sumati Kumari Sahoo
Associate Editor

Asst. Editor


Dr. Minakhi Mohapatra

Asst. Editor


Dr. Lalita Dash


Jharashree Das


Bhangima Mishra

# ସୂଚୀ ପତ୍ର

ନ ତ୍ୱହଂ ରାଜ୍ୟଂ ନସ୍ୱର୍ଗଂ ନପୁନର୍ଭବମ୍
କାମୟେ ଦୁଃଖତପ୍ତନାଂ ପ୍ରାଣୀନାଂ ଆର୍ତ୍ତନାଶନମ୍


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
| --- | --- | --- |
| **ସଂପାଦକୀୟ** | | |
| ଗଣପର୍ବ ରଜ ଓ ନାରୀସୁରକ୍ଷା | ଡ଼କ୍ଟର ସୁମତି କୁମାରୀ ସାହୁ | ୪-୭ |
| **ବିଶେଷ ପ୍ରବନ୍ଧ** | | |
| ବସୁଧୈବ କୁଟୁମ୍ବକମ୍ | ପ୍ରଫେସର (ଡା) ସିନ୍ଧୁ ନନ୍ଦିନୀ ତ୍ରିପାଠୀ | ୮-୧୫ |
| **ଧାରାବାହିକ** | | |
| ଜୀବନୀ | ସଂଯୁକ୍ତା ମହାନ୍ତି | ୧୬-୨୩ |
| **କ୍ଷୁଦ୍ରଗଳ୍ପ** | | |
| ମୂର୍ତ୍ତି | ମହିଳା ଦଳ ବେହେରା | ୨୪-୨୬ |
| ମାନସୀ କନ୍ୟା | ପ୍ରକାଶ କୁମାର ମହାପାତ୍ର | ୨୭-୩୬ |
| **କବିତା** | | |
| ମୁଁ ଭାବୁଛି | ସୁନନ୍ଦା ବିଶ୍ୱାଳ | ୩୭ |
| ବରଷକେ ଥରେ ଆସିଛି ରଜ | ଆଶା ମହାନ୍ତି | ୩୮ |
| ଅନ୍ତରାଗ | ଡ. ବିଜୟଲକ୍ଷ୍ମୀ ତାରେଣିଆ | ୩୯ |
| ହେ ସମୟ | ସୂର୍ଯ୍ୟମଣୀ ପୃଷ୍ଟି | ୪୦ |
| **ପୁରାଣ ପୃଷ୍ଠାରୁ** | | |
| ଯାହାକୁ ରଖିବେ ଅନନ୍ତ | ଡ. ପ୍ରଭାତୀ ମିଶ୍ର | ୪୧-୪୪ |
| **ଭ୍ରମଣ କାହାଣୀ** | | |
| ଆଣ୍ଡାମାନ ନିକୋବର ଆଇଲାଣ୍ଡ୍ ଏକ ସିଂହାବଲୋକନ | କମଳାକାନ୍ତ କର | ୪୫-୪୮ |
| **ଆଧ୍ୟାତ୍ମିକତା** | | |
| ଅମୃତ କଥା | ତାରକନାଥ ମୁଖାର୍ଜୀ | ୪୯-୫୦ |
| **English Section** | | |
| MY LODESTAR | Sri Ram Kalyan | ୫୧ |





ନାରୀ ସୁରକ୍ଷା
NARI SURAKHYA
ଲୋକପ୍ରିୟ ଓ ପ୍ରଗତିଶୀଳ ସମାଜ ସଚେତନମୂଳକ ପତ୍ରିକା
Popular & Progressive Social Awareness Quarterly

୩୪ ତମ ବର୍ଷ ୮ମ ସଂଖ୍ୟା
ଜୁନ୍ -୨୦୨୬
Vol-34, June, Issue - 8, 2026



ମୁଖ୍ୟ ସମ୍ପାଦିକା
ଡ଼କ୍ଟର ଲଳିତା ଶତପଥୀ
Editor : Dr. Lalita Satpathy
Mob: 9337762207
Email : narisurakhya@gmail.com

ସହଯୋଗୀ ସମ୍ପାଦିକା
ଡ଼କ୍ଟର ସୁମତି କୁମାରୀ ସାହୁ
(୯୬୯୨୨୨୨୫୫୯)
ଗ୍ରାମ-ସେଣ୍ଡତିରା, ବ୍ଲକ-ବନ୍ତ, ଜିଲ୍ଲା-ଭଦ୍ରକ

Nari Surakhya
Regd. Office &
State Admt. Office :
Flat No. 4-c
Sai Apartment, Bidanasi,
Cuttack-14



DECLARATION
Nari Surakhya Edited & Published by Dr. Lalita Satpathy on behalf of Nari Surakhya "Publication" Regd.Office: Flat No. 4C, Sai Apartment, Bidanasi, Ctc-14.
Postal Regd. No. CK (C) -14 / 2024-2027

-: ପ୍ରଚ୍ଛଦ :-
ରଜ ସଜବାଜ ମଉଜ
Cover : Pleasure of Raja

D.T.P. & Designed By :
*Rabindra Kumar Jena*
Mangalabag, Ctc, Ph: 9861116510

*Printed By :* SARALA PRINTER
Mansinghpatna, Cuttack

ମୂଲ୍ୟ : ଏକଶତ ଟଙ୍କା ମାତ୍ର
Price : 100/- Only

# ବାର୍ତ୍ତା



ଅତି ଆନନ୍ଦର କଥା **"ନାରୀସୁରକ୍ଷା"** ତରଫରୁ ରଜ ଉପଲକ୍ଷେ ଗୋଟିଏ ପତ୍ରିକା ପ୍ରକାଶ କରିବାକୁ କରାଯାଉଛି । ଏହା ଏକ ଅତ୍ୟନ୍ତ ଶୁଭ ଉଦ୍ୟମ । ଅତୀତର ଉତ୍କଳୀୟ ସଂସ୍କୃତିର ପୁନର୍ଜୀବିତ କରି ଏହାକୁ ଚଳଚଞ୍ଚଳ କରିବାର ଏ ପ୍ରୟାସ ଅତ୍ୟନ୍ତ ଅଭିନନ୍ଦନୀୟ ।

ମାଟିକୁ ଉତ୍କଳୀୟ ସଂସ୍କୃତିରେ ଧରଣୀ ମାତା ଭାବେ ଗ୍ରହଣ କରାଯାଇଛି । ଜଣେ ମାତା ଭାବେ ଅନ୍ୟ ମହିଳାମାନଙ୍କ ଭଳି ଧରଣୀମାତା ଏହି ସମୟରେ ରଜସ୍ୱଳା ହୋଇଥାଆନ୍ତି । ଏଥିପାଇଁ ଧରଣୀମାତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ତିନି ଦିନ ଧରି କୃଷି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯାଏ । ଧରଣୀ ମାତାଙ୍କୁ କୌଣସି ପ୍ରକାର କଷ୍ଟ ଯେପରି ନହୁଏ, ସେଥିପାଇଁ ସମସ୍ତ କୃଷିଭାଇ ସଯତ୍ନେ ପ୍ରୟାସ କରନ୍ତି । ଫଳରେ ରଜ ତିନି ଦିନ ଧରି କୃଷକମାନେ ଖେଳାଖେଳି, ମଜା, ମଜଲିସ୍‌ରେ ଦିନ କଟେଇ ଥାଆନ୍ତି । ଏହା ପ୍ରକୃତି ମାତାଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଆଧାତ୍ମିକ ସମ୍ବେଦନଶୀଳତାର ଏକ ଅନନ୍ୟ ଉଦାହରଣ ।

ଏଇ ଅବସରରେ ପ୍ରକାଶ ପାଇବାକୁ ଯାଉଥିବା ପତ୍ରିକାର ଉତ୍ତରୋତ୍ତର ସଫଳତା କାମନା କରିବା ସହିତ ଅନୁଷ୍ଠାନ ସର୍ବଶୁଭ କାମନା କରୁଛି ।

ସାହିତ୍ୟର ଜୟ ହେଉ। ବନ୍ଦେ ମା' ଉତ୍କଳ ଜନନୀ ।

**ସୁଦର୍ଶନ ପଟ୍ଟନାୟକ**
(ପ୍ରଫେସର ଓ ବିଭାଗୀୟ ମୁଖ୍ୟ
ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ)
ଓଡ଼ିଶା, କଟକ
ମୋ :୯୩୪୮୨୦୦୭୯୯

*With Best Compliments From :*

Life Style Gas Stove

इंडियनऑयल

Approved : IndianOil

SURIYA FLAME, SURIYA AGNI

APOLLO GAS STOVE

PRINCE

HP GAS

your friendly gas

Approved By : Surya Flame

# Ganga Trading Co.

*Distributor For*

**Life Style LPG Stoves**

**&**

**SURIYA FLAME, MILTON & Apollo LPG Stoves HP**

**BAKHARABAD, CUTTACK-2,**

**Ph. : 0671-6531367, 0671-2433867, Mob.: 9238310431**

Indane

Recommends

MILTON GAS STOVE

Surya Flame

Apollo Gas Stove

Bharatgas

Bharat Petroleum

COOK FOOD. SERVE LOVE.

*Mfg. by. Creative*

UJALA BPL Stove for IOCL, HPCL & BPCL

C/F Agent : Suraksha™ Apron (Flame Retardant Kitchen (Fire Prove)

Suraksha™ Basant (Hose Pipe) I.O.C., HP & Bharat

Suraksha™ Bright Moulding Works Rich Flame Tolly , I.O.C., HP & Bharat

Suraksha™ Bright Moulding Works Rich Flame Lighter, I.O.C., HP & Bharat

# ଗଣପର୍ବ ରଜ ଓ ନାରୀ ସୁରକ୍ଷା

ସଂପାଦକୀୟ

ଡ଼କ୍ଟର ସୁମତି କୁମାରୀ ସାହୁ

ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ସମୃଦ୍ଧ । ବାରମାସରେ ତେର ପର୍ବ ପାଳନ କରୁଥିବା ଓଡ଼ିଆ ଜାତିର ଏକ ପ୍ରମୁଖ ଗଣପର୍ବ ହେଉଛି "ରଜପର୍ବ" । ଏହା ମୁଖ୍ୟତଃ ନାରୀତ୍ୱ, ପ୍ରକୃତି ଓ କୃଷିଜୀବନ ସହ ଜଡ଼ିତ ଏକ ଆନନ୍ଦମୟ ପର୍ବ । "ନାରୀ ସୁରକ୍ଷା" ତରଫରୁ ଏହା ପ୍ରତିବର୍ଷ ଧୁମ୍ ଧାମ୍‌ରେ ପାଳନ କରାଯାଏ । କେତେବେଳେ "ରଜ" କବିତା ଆସର ମାଧ୍ୟମରେ ତ କେତେବେଳେ ହାତ ତିଆରି ସୁସ୍ୱାଦୁ ପିଠାପଣା ମାଧ୍ୟମରେ ଅନ୍ୟମାନଙ୍କୁ ଆପ୍ୟାୟିତ କରନ୍ତି । ପୁଣି କେତେବେଳେ ରଜ ଦୋଳି ମାଧ୍ୟମରେ ଦୋଳିରେ ବସି ବିଭିନ୍ନ ରାଗିଣୀରେ ରଜଦୋଳି ଗୀତ ଗାଇ ନିଜେ ଖୁସି ହେବା ସହିତ ଅନ୍ୟମାନଙ୍କୁ ଉପଭୋଗ କରିବାକୁ ସୁଯୋଗ ସୃଷ୍ଟି କରିଥାନ୍ତି ।

ଆଜି ତ ପହିଲି ରଜ । ବନସ୍ତେ ଡ଼ାକିଲା ଗଜ ।<br>
ବରଷକେ ଥରେ ଆସିଛି ରଜ<br>
ଆସିଛି ରଜ ଲୋ, ଧରି ନୂଆ ସଜବାଜ

"ନାରୀ ସୁରକ୍ଷା" ର ସ୍ଥାୟୀ ସଭାପତି ଡ଼କ୍ଟର ଶତପଥୀ ଙ୍କର ଅଦମ୍ୟ ପ୍ରଚେଷ୍ଟା ଓ ସହକର୍ମୀମାନଙ୍କ ସହଯୋଗ ଫଳରେ ଏହି



ପର୍ବ ପାଳନ ମାଧ୍ୟମରେ ନାରୀମାନଙ୍କୁ ସମ୍ପର୍କର ସୂତା ମାଧ୍ୟମରେ ଯୋଡ଼ି ହୋଇ ସେମାନେ ଅବଳା କିମ୍ବା ଦୁର୍ବଳା ନୁହଁନ୍ତି ବୋଲି ଭାବିବା ସହିତ ଦୃଢ ମନୋବଳ ନେଇ ସମାଜରେ ମୁଣ୍ଡଟେକି ସମ୍ମାନର ସହିତ ବଞ୍ଚିବା ପାଇଁ ପ୍ରେରଣା ପାଇଥାନ୍ତି ।

କାଳବୈଶାଖୀର ତାଣ୍ଡବଲୀଳା ସହିତ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତା ପରେ ନିରଳସ, ନିର୍ବିକାର ହୋଇପଡ଼ିଥିବା ମାନବ ସମାଜ ତ୍ରାହି ତ୍ରାହି ଡ଼ାକ ଛାଡୁଥିବା ବେଳେ ଜ୍ୟେଷ୍ଠ ମାସର ଶେଷଦିନ ଆଷାଢ ମାସର ପ୍ରଥମ ଦିନ ଓ ଦ୍ୱିତୀୟ ଦିନ ତିନି ଦିନ ଧରି ଓଡ଼ିଶାର ପ୍ରତିଟି ପଲ୍ଲୀରେ ପାଳନ କରାଯାଏ ଯାହାକି, ଗ୍ରୀଷ୍ମର ଦାହ ପରେ ଆଗାମୀ ବର୍ଷା ଋତୁକୁ ସ୍ୱାଗତ କରିବାର ବାର୍ତ୍ତା ବହନ କରି ଆସିଥାଏ ଗଣପର୍ବ ରଜପର୍ବ ।

ରଜର ପୂର୍ବଦିନକୁ ସଜବାଜ ରଜ ବା ପାଣିବୁହା ରଜ କୁହାଯାଏ । ଏହିଦିନ ରଜ ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ପାଳନ କରାଯାଇଥାଏ । ବିଭିନ୍ନ ଧରଣର ଦୋଳି ଯଥା - ପଟାଦୋଳି, ମଙ୍ଗ ଦୋଳି, ରାମ ଦୋଳି, ଚକ୍ର ଦୋଳି ଆଦି ପ୍ରସ୍ତୁତ କରାଯାଏ ।

ନାରୀମାନେ ଘରେ ବିଭିନ୍ନ ପ୍ରକାରର ଖାଦ୍ୟପେୟ ପିଠାପଣା ଯଥା ମଣ୍ଡାପିଠା, ଆରିଷା ପିଠା, ପୋଡ଼ ପିଠା ସହିତ ବିଭିନ୍ନ ପ୍ରକାରର ମିଠା ତିଆରି କରିଥାନ୍ତି । କାରଣ ରଜରେ କେହି କିଛି କାମନକରି ଏହି ପର୍ବକୁ ମହାଆନନ୍ଦରେ ଉପଭୋଗ କରିଥାନ୍ତି । ସମସ୍ତଙ୍କ ଘରେ ନିହାତି "ପାନ ମସଲା ସଜ" ପ୍ରସ୍ତୁତ ହୋଇ ରହିଥାଏ ।



ପ୍ରଥମ ରଜକୁ ପହିଲି ରଜ ବୋଲି କୁହାଯାଏ । ଏହି ଦିନ ଧରିତ୍ରୀ ମାତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଆଯାଏ । ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି କୁହାଯାଏ ଏବଂ ତୃତୀୟ ଦିନକୁ ଶେଷରଜ ବା ଭୂମିଦାହ ରଜ କୁହାଯାଏ । ଚତୁର୍ଥ ଦିନ ବସୁମତୀ ସ୍ନାନ କରାଇ ଏହି ପର୍ବକୁ ବିଦାୟ ଦିଆଯାଏ ।

**ରଜପର୍ବର ଆଧାତ୍ମିକ ବିଶ୍ୱାସ -**

ଧାର୍ମିକ ଓ ସାଂସ୍କୃତିକ ବିଶ୍ୱାସ ଅନୁଯାୟୀ ବସୁମତୀ ବା ଧରିତ୍ରୀ ମାତାଙ୍କୁ ଜଣେ ନାରୀ ଭାବରେ କଳ୍ପନା କରାଯାଇଛି, ମାନ୍ୟତା ଅଛି ଯେ, ରଜ ପର୍ବର ପ୍ରଥମ ତିନିଦିନ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ନାରୀର ରଜସ୍ୱଳା ଅବସ୍ଥା ଯେପରି ସୃଷ୍ଟିର ସର୍ଜନା ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଠିକ୍ ସେହିପରି ଧରିତ୍ରୀ ମାତା ରଜସ୍ୱଳା ହୋଇ ଆଗାମୀ ବର୍ଷରେ ସୁନ୍ଦର ଫସଲ ଉତ୍ପାଦନ ପାଇଁ ପ୍ରସ୍ତୁତ ହୁଅନ୍ତି ।

**କୁମାରୀ ଓ ନାରୀମାନଙ୍କ ପାଇଁ -**

ଏହି ତିନିଦିନ ଘରର କୁମାରୀ ଝିଅ ଓ ବୋହୂମାନେ କୌଣସି ଘରକାମ କରିବେ ନାହିଁ । ସେମାନେ ନୂଆପୋଷାକ ପିନ୍ଧି, ପାଦରେ ଅଳତା, କପାଳରେ ଚନ୍ଦନର ଟିକା, ହାତରେ ମେହେନ୍ଦି ଲଗାଇ ସଜେଇ ହୁଅନ୍ତି । କୁମାରୀ ଝିଅମାନେ ଗାଁ ଗାଁ ବୁଲି ରଜ ଦୋଳି ଖେଳନ୍ତି । ପାଟିରେ ସାଧା ମସଲା ଦିଆ ପାନ ପୁରାଇ ବାହି ମାରି ଦୋଳିକୁ ଉଡ଼ାଇ ଦିଅନ୍ତି ଆଉ କୁହନ୍ତି -

ପଟା ଦୋଳି ତଳେ ଗାତ
ମୋ ମାଇଁ ରାନ୍ଧିଛି, ମାଗୁର ମାଛ
ମାଗୁର ମାଛଲୋ ମାମୁଁ ଖାଉନାହିଁ ଭାତ
ରଜ ଦୋଳି କେଁ କଲା
ମୋ ମାଇଁ ମୁଣ୍ଡରେ କି ଫୁଲ ଫୁଟିଲା
ବଉଳଲୋ ଗାଆଁ ଯାକ ମହକିଲା



ରଜ ଦୋଳି ଗୀତର ଲହରୀ ଚାରିଆଡ଼େ ଭାସିଯାଏ । ରଜର ଏତେ ଖୁସି ଏତେ ମଉଜ ଏତେ ସଜବାଜ ସତେ ଯେପରି କୁମାରୀ ମାନେ ପହିଲି ରଜରେ ଛୁଆଁ ପାଇବା ପାଇଁ ଯୁବକମାନଙ୍କୁ ଆକୃଷ୍ଟ କରନ୍ତି ।

ପ୍ରତ୍ୟେକ ବୋହୂମାନଙ୍କ ବାପଘରୁ ଆସିଥିବା ରଜ ଭାର । ରଜ ଆମ୍ବ, ରଜମିଠା ସହିତ ରଜରେ ପ୍ରସ୍ତୁତ ହୋଇଥିବା ପିଠା ଦେଇ କୁମାରୀ ମାନଙ୍କୁ ଆପ୍ୟାୟିତ କରାଯାଏ ।

**ରଜପାନ ଓ ଖାଦ୍ୟପେୟ –**

ଏହି ପର୍ବରେ ଓଡ଼ିଆ ଘରର ମୁଖ୍ୟ ଆକର୍ଷଣ ହେଉଛି ପୋଡ଼ ପିଠା । ଏହା ସହିତ ଚକୁଳି ଆରିସା, ମଣ୍ଡା ଓ କାକରା ପିଠା ଏବଂ ଗୁଆ, ଚୂନ, ଅଳେଇଚ, ଲବଙ୍ଗ, ଖଇର, ଧଣିଆ ଆଦି ନାନାଦି ମସଲା ଦେଇ ପ୍ରସ୍ତୁତ ରଜପାନ ଖାଇବା ଓ ଅନ୍ୟମାନଙ୍କୁ ଭେଟି ଦେବାର ଏକ ସୁନ୍ଦର ପରମ୍ପରା ।

ଗ୍ରାମୀଣ ଖେଳକୁଦ - ଝିଅ ପିଲାମାନେ ଦୋଳି ଖେଳିବା ସହ ପୁଚି ଖେଳ, ବହୁଚୋରୀ, କଟିଖେଳ ସହିତ ବୋହୂମାନେ ଘରେ ତାସ ଓ ଲୁଡୁ ଖେଳରେ ସମୟ କଟାଇଥାନ୍ତି । ଗାଁର ପୁଅମାନେ ତାସ, ବାଘଛେଳି, କବାଡ଼ି ଓ ପୁରୁଷମାନେ ବାଡ଼ିଖେଳରେ ରଜର ମଜା ନେଇଥାନ୍ତି । ଯଥା-

ପୁଅମାନେ ବଡ଼ ଖୁସି
ଖେଳନ୍ତି ବାଗୁଡ଼ି, ରଖିଣ ବାଜି
ରଖିଣ ବାଜି ଲୋ, ଦେଖୁଥାନ୍ତି ଲୋକେ ବସି ।

ଅନେକ ସ୍ଥାନରେ କବାଡ଼ି ଓ ବାଡ଼ି ଖେଳର ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇ ରଜ ମହୋତ୍ସବ ପାଳନ କରାଯାଏ ।

**ସାମାଜିକ ଗୁରୁତ୍ୱ ଓ ସଂହତି** ରଜ ପର୍ବ କେବଳ ଖାଇବା ପିଇବା ବା ମନୋରଞ୍ଜନର ପର୍ବ ନୁହେଁ, ଏହା ସାମାଜିକ ସଂହତି ଓ ଭାତୃଭାବର ପ୍ରତୀକ । ଏହି ଦିନମାନଙ୍କରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ପର୍ବପାଳନ କରନ୍ତି । ପଡ଼ୋଶୀ ଘରକୁ ପିଠା, ମିଠା ଓ ପାନ ବଣ୍ଟନ କରିବା ଦ୍ୱାରା ପାରସ୍ପରିକ ସମ୍ପର୍କ ସୁଦୃଢ ହୋଇଥାଏ ।

ପ୍ରତ୍ୟେକ ଗ୍ରାମରେ ଡ୍ରାମା, ଯାତ୍ରା, କବିତା ଆସର, ନୃତ୍ୟ ଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ଆଧୁନିକତାର ଚାକଚକ୍ୟ ଭିତରେ ଥାଇ ବି ଆଜି ଓଡ଼ିଶାର ପୁରପଲ୍ଲୀରେ ରଜପର୍ବର ପାରମ୍ପରିକ ମହକ ଅକ୍ଷୁର୍ଣ୍ଣ ରହିଆସିଛି ।

**ବସୁମତୀ ସ୍ନାନ –** ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯାଏ । ଏହି ଦିନ ସକାଳୁ ସ୍ତ୍ରୀ ଲୋକମାନେ ହଳଦୀ ପାଣିରେ ଶିଳପୁଆ, କୋଦାଳ ଓ ଭୂମିକୁ ସ୍ନାନ କରାଇ ସିନ୍ଦୁର, ଚନ୍ଦନ ଓ ଫୁଲ ଚଢାଇ ସୋରିଷ ବୁଣି ପୂଜାର୍ଚ୍ଚନା କରି ରଜକୁ ବିଦାୟ ଦିଆଯାଏ ଏବଂ ବସୁମତିକୁ ଶୁଦ୍ଧି କରାଯାଏ ।

ଏହା ପରେ ଆରମ୍ଭ ହୋଇଯାଏ କୃଷକମାନଙ୍କର ଚାଷ କାମ ।

ଓଡ଼ିଶାର ସଂସ୍କୃତି ସହିତ ମାଟି ଓ ମଣିଷର ସମ୍ପର୍କ; କେତେ ନିବିଡ଼, ତାହା ରଜ ପର୍ବ ହିଁ ପ୍ରମାଣିତ କରେ । ପ୍ରକୃତିକୁ ସମ୍ମାନ ଏବଂ ନାରୀ ସମାଜକୁ ଗୌରବାନ୍ୱିତ କରୁଥିବା ଏହି ମହାନ ପର୍ବ ପ୍ରତିଟି ଓଡ଼ିଆର ପ୍ରାଣରେ ଏକ ନୂତନ ଶିହରଣ ଓ ସତେଜତା ଭରିଦିଏ । ଧରିତ୍ରୀର ସବୁଜିମା ଓ ମଣିଷ ମନର ଆନନ୍ଦର ଏକ ଅପୂର୍ବ ମିଳନ ହେଉଛି ଆମର ଏହି ପର୍ବ ରଜପର୍ବ । ନାରୀସୁରକ୍ଷା ଏହି ପର୍ବର ବିଶେଷତ୍ୱକୁ ମର୍ମେ ମର୍ମେ ଉପଲବ୍ଧି କରି ନାରୀମାନଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିବା ସହିତ ଆଗାମୀ ପିଢିମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

ବିଶେଷ ପ୍ରବନ୍ଧ

# ବସୁଧୈବ କୁଟୁମ୍ବକମ୍



ପ୍ରଫେସର (ଡ଼ା) ସିନ୍ଧୁ ନନ୍ଦିନୀ ତ୍ରିପାଠୀ

ବସୁଧୈବ କୁଟୁମ୍ବକମ୍ -

ମହାଉପନିଷଦ

ସର୍ବୋଚ୍ଚ ଆଦର୍ଶ, ସର୍ବୋଚ୍ଚ ଦିବ୍ୟାନୁଭୂତିର ପ୍ରତୀକ, ଭାରତୀୟ ଦାନ ସମଗ୍ର ପୃଥିବୀକୁ । ଆମ ପାର୍ଲିଆମେଣ୍ଟର ପ୍ରବେଶ ଦ୍ୱାରରେ ଖୋଦିତ ହୋଇଛି ଏହି ଦୁଇଟି ଶବ୍ଦ।

ଦୁଇଟି ଶବ୍ଦ, କିନ୍ତୁ କି ଅପୂର୍ବ ସୁଗନ୍ଧରେ ସୁଗନ୍ଧିତ

କି ଅପୂର୍ବ ଭାଷାରେ ବ୍ୟକ୍ତ, ସେ ତ ଅନନ୍ତ ଅବ୍ୟକ୍ତ ।

କିନ୍ତୁ ଅଛି କେଉଁଠି ଆଜିର ପୃଥିବୀର କିମ୍ବା ଅନ୍ୟ ଗ୍ରହାନ୍ତରରେ ତାର ପ୍ରକୃତ ପରିପ୍ରକାଶ ?

ଯେତେବେଳେ ଗୋଟିଏ ସାହିତ୍ୟିକ ଲେଖେ, ତା'ର ଶେଷ ପଦ ହେଲା 'ବସୁଧୈବ କୁଟୁମ୍ବକମ୍' । ଯଦି ଜଣେ ସୁବକ୍ତା ସୁନ୍ଦର ଭାଷଣଟିଏ ଦେଲେ - ତାଙ୍କ ଶେଷ ପଦ ଥିବ, ଆସନ୍ତୁ ଆମେ ପୃଥିବୀକୁ 'ବସୁଧୈବ କୁଟୁମ୍ବକମ୍'ରେ ପରିଣତ କରିଦେବା । କିନ୍ତୁ ବାସ୍ତବତା । ଯେଉଁ ସମାଜରେ ଆଜିକାଲି ଗୋଟିଏ କୁଟୁମ୍ବ ମଧ୍ୟରେ ପରସ୍ପର ମଧ୍ୟରେ ସହଯୋଗିତା ନାହିଁ, ଭଲପାଇବା ନାହିଁ, ସ୍ନେହ ନାହିଁ, ଭୟ ନାହିଁ, କ୍ଷମା ସେଇଠି ଏହି ଦୁଇଟି ଶବ୍ଦର ସ୍ୱପ୍ନ, ସେତ କଳ୍ପନା ବିଳାସ ଅନ୍ୟ କିଛି ନୁହେଁ । ପ୍ରତିଦିନ ଯେ କୌଣସି ଖବର କାଗଜର ପୃଷ୍ଠା ଓଲଟାନ୍ତୁ ବା ଟି.ଭି., ରେଡ଼ିଓ ଖୋଲୁଛ, କିଛି ଖବର ଅଶାନ୍ତି, କେଉଁଠି ଯୁଦ୍ଧ, କେଉଁଠି କ୍ଷେପଣାସ୍ତ୍ର ପ୍ରେରଣ ଏବଂ ଲୋକଙ୍କୁ ହତ୍ୟା, ବିସ୍ଫୋରଣରେ ନଭଶ୍ଚୁମ୍ବୀ ଅଟ୍ଟାଳିକା ଧରାଶାୟୀ । ଅଧିକାଂଶ ଦେଶରେ ଆଭ୍ୟନ୍ତରୀଣ ବିବାଦ, ଏପରିକି ରାଷ୍ଟ୍ର ମୁଖ୍ୟଙ୍କୁ ମଧ୍ୟ ଅପମାନିତ କରିବାକୁ ପଛଉ ନାହାନ୍ତି । ପ୍ରବେଶ କଥା ତ ନକହିବା ଭଲ, ପ୍ରତିଦିନ ଖବର କାଗଜ ପୃଷ୍ଠା ମଣ୍ଡନ କରି, ସ୍ୱାମୀ ସ୍ତ୍ରୀକୁ ମାରିଦେଇଛି, ସ୍ତ୍ରୀ ସ୍ୱାମୀକୁ ସୁପାରି କିଲର ସାହାଯ୍ୟରେ କିଛି ବିଷ ଦେଇ ହତ୍ୟା କରିଛି । ମା' ପୁଅଟିକୁ ମାରି ଦେଇଛି, ଅନେକ ସମୟରେ କୁନି କୁନି ସନ୍ତାନ ସନ୍ତତିକୁ, ବାପା ପୁଅକୁ, ପୁଅ ବାପାକୁ, ସମାଜ ଦ୍ରଷ୍ଟବ୍ୟ ୨୪.୦୩.୨୦୨୬, ମା' କୁ ବାପା ପିଟି ପିଟି ଆହତ କଲେ, ପତ୍ନୀ ପୁଅ ମିଶି ବାପାକୁ ମାରିଦେଲେ, ଅସରନ୍ତି, ହୃଦୟ ବିଦାରକ । ଦଙ୍ଗା, ଲୁଣ୍ଠନ, ମନାନ୍ତର, ହିଂସା, ଦ୍ୱେଷ ତ ସମାଜରେ ରହିଥିଲା, ବର୍ତ୍ତମାନ ଗୋଟିଏ ନୂତନ ବ୍ୟାଧିର ଆବିର୍ଭାବ ଟିକିଏ କଥାରେ ଆତ୍ମହତ୍ୟା, ଶିଶୁ ଠାରୁ ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ।

ବୈକୁଣ୍ଠ ସମାନ ଆହା ଅଟେ ସେଇ ଘର ପରସ୍ପର ସ୍ନେହ ଶ୍ରଦ୍ଧା ଯହିଁ ଥାଏ ନିରନ୍ତର ।

(ଭକ୍ତକବି ମଧୁସୂଦନ)

ବର୍ତ୍ତମାନ ପୃଥିବୀରେ ଅଛି କି ଏପରି ଘର ? ନିଶ୍ଚୟ ଥିବ, କିଛି ହାତ ଗଣତି, ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ।

ଯୁଦ୍ଧ ଚାଲିଛି, ଜାତିସଂଘ (NATO) ମଧ୍ୟ କିଛି କରି ପାରୁନାହିଁ । ତିନିବର୍ଷ ଧରି ଋଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଲାଣି । ପୃଥିବୀର ପ୍ରାୟ ସବୁ ଦେଶ ନୀରବ ଦର୍ଶକ । ଇରାନ୍, ଆମେରିକା ଏବଂ ଇସ୍ରାଏଲ୍ ଯୁଦ୍ଧ, ସେତ ବିଭିଷିକାମୟ, ବର୍ଣ୍ଣନାର ଉର୍ଦ୍ଧ୍ୱରେ, ପୃଥିବୀମୟ ନୀରବ, ଆମର ବେଦବାଣୀ 'ବସୁଧୈବ କୁଟୁମ୍ବକମ୍' କେଉଁଠି ? ପଡ଼ୋଶୀ ରାଷ୍ଟ୍ର ସେମାନଙ୍କ କଥା ତ ନ କହିବା ଭଲ । ଅନେକ ରାଷ୍ଟ୍ରରେ ଗୃହ ବିବାଦ ତ ଚାଲୁଛି ଯଥା ମିୟାମାର, ନେପାଳ, ବାଲାଂଦେଶ, ପାକିସ୍ଥାନ ଇତ୍ୟାଦିରେ । ଭାରତ ସାଙ୍ଗରେ ସୀମା ବିବାଦ ଚୀନ ଏବଂ ପାକିସ୍ଥାନ ସାଙ୍ଗରେ, ଏଇ ନିକଟ ଅତୀତରେ 'ଅପରେସନ୍ ସିନ୍ଦୁର' ବିଷୟରେ ସମସ୍ତେ ଅଳ୍ପେ ବହୁତ ଅବଗତ । ପଡ଼ୋଶୀ ପଡ଼ୋଶୀ ପ୍ରଦେଶର ସୀମା ବିବାଦ, ଆନ୍ଧ୍ର, ଓଡ଼ିଶା ଇତ୍ୟାଦି ।

ଆମ ସାମାଜିକ ପଡ଼ୋଶୀଙ୍କ କଥାକୁ ଆସୁ । ଓଡ଼ିଶାର ଯେକୌଣସି ଗ୍ରାମର ଘଟଣା, ଭାଇ ଭାଇ ମଧ୍ୟରେ ବିବାଦ, ବହୁ କଷ୍ଟରେ ବିବାଦର ସମାଧାନ, ଉଭୟ ସ୍ଥାନ ମଧ୍ୟରେ ମଧ୍ୟସ୍ଥ ମାନଙ୍କ ଉପସ୍ଥିତିରେ ପାଚେରୀ ଉଠା ହେଲା । ଗୋଟିଏ ଭାଇଙ୍କର ବିରାଟ ଫଳପୁଷ୍ପର ଉଦ୍ୟାନ ଥିଲା । ଆମ୍ବ, ପଣସ, ନଡ଼ିଆ ଇତ୍ୟାଦିର । ଦ୍ୱିତୀୟ ଭାଇ ପନ୍ଦର ଦିନ ପରେ ତାଙ୍କ ପଟରେ କାନ୍ଥକୁ ଲାଗି ବିରାଟ ପୋଖରୀ ଖୋଳାଇଲେ, ପୋଖରୀର ଗଭୀରତା ବଢ଼ିବା ସାଙ୍ଗେ ସାଙ୍ଗେ ଅପର ଭାଇଟି ସେତିକି କ୍ଷତି ବାଢ଼ିବାରେ ଲାଗିଲା । ପ୍ରଥମେ ପାଚେରୀ, ତା'ପରେ ଆମ୍ବ, ପଣସ ତା ପରେ ନଡ଼ିଆ ଗଛ ଧରାଶାୟୀ ।

ସହର ଉପାନ୍ତରେ ଗୋଟିଏ କଲୋନୀ ସୁନ୍ଦର ଭାବରେ ଗଢି ଉଠିଲା । ଦ୍ୱିତଳ ପ୍ରାସାଦ, ତିରିଶି ଫୁଟ ଚଉଡାର ରାସ୍ତା, ମନୋରମ ପରିବେଶ, କିନ୍ତୁ ବୃକ୍ଷଶୂନ୍ୟ । ଜଣେ ବୃକ୍ଷ ପ୍ରେମୀ ବାସିନ୍ଦା ନର୍ସରୀରୁ ଚାରା ଆଣି ରାସ୍ତା ଦୁଇକଡ଼େ ବୃକ୍ଷରୋପଣ କଲେ । ଗଛ ବଡ଼ ହେବା ପର୍ଯ୍ୟନ୍ତ ପାଣି ଦେଲେ । ଗଛ ଚାରିପଟେ ଜାଲିବାଡ଼ ବାର ପନ୍ଦର ବର୍ଷରେ ସେମାନେ ଦ୍ରୁମରେ ପରିଣତ ହେଲେଣି ଏବଂ ସେମାନଙ୍କର ଶାଖା ପ୍ରଶାଖା ସମସ୍ତଙ୍କ ହତା ମଧ୍ୟରେ ପ୍ରବେଶ । ପତ୍ରଝଡ଼ା ସମୟରେ ହତା ଭିତରେ ଶୁଖିଲା ପତ୍ରର ପାହାଡ଼ । ମୁଁ ମଧ୍ୟ ଜଣେ ଭୁକ୍ତଭୋଗୀ । ମ୍ୟୁନିସିପାଲିଟି ରାସ୍ତା କଡ଼ରେ ବୃକ୍ଷ ରୋପଣ କରିଛନ୍ତି । ଆମେ ମଧ୍ୟ ଆମ କଡ଼ରେ ଥିବା ଗଛମାନଙ୍କରେ ପାଣି ସିଞ୍ଚନ କରି ସେମାନଙ୍କୁ ବଞ୍ଚାଇବୁ । ବୃକ୍ଷମାନେ ବିରାଟ ଦ୍ରୁମରେ ଇତି ମଧ୍ୟରେ ପରିଣତ ହୋଇଗଲେଣି । ରାସ୍ତା ଛାୟାଛନ୍ନ, କିନ୍ତୁ ଆମମାନଙ୍କ ପାଚେରୀ ମଧ୍ୟରେ ସେମାନଙ୍କର ଅବାଧ ପ୍ରବେଶ ଏବଂ ଘରର ଚାରିପାର୍ଶ୍ୱ ଶୁଖିଲା ପତ୍ର ଭର୍ତ୍ତି ରଚିତ, ମାଳୀ, ଚାକରାଣୀ ସମସ୍ତେ ଅସନ୍ତୁଷ୍ଟ । ଏତେ ପତ୍ର ପ୍ରତିଦିନ କିଏ ସଫା କରିବ । ସେମାନେ ଦିନେ ନ ଆସିଲେ ମୋ ଅବସ୍ଥା କ'ଣ ହେଉଥିବ ସହଜରେ ଅନୁମେୟ । ସେତିକିରେ କଥା ସରୁନାହିଁ - ମ୍ୟୁନିସିପାଲିଟି ସଫେଇ କର୍ମଚାରୀଙ୍କର କଟୁ ମନ୍ତବ୍ୟ, ସବୁଦିନେ ଏତେ ପତ୍ର ପକାଇଲେ ଆମେ ସଫା କରିବୁ କେମିତି । ସକାଳ ନ ହେଉଣୁ ମନରେ ଅଶାନ୍ତି । ମୋ ଘରପାଖ ବୃକ୍ଷ, ସରକାରୀ ସ୍ତରରେ ଲଗା ହୋଇଛି, ଉପକଣ୍ଠର ଗଛ ଜଣେ ବୃକ୍ଷପ୍ରେମୀଙ୍କ ଦ୍ୱାରା, ଅବସ୍ଥା ତାଙ୍କର ସହଜରେ ଅନୁମେୟ । ଘର ଗୁଡ଼ିକର ବ୍ୟବଧାନ ୧୫ ରୁ ୨୦ ଫୁଟ୍ ହେବ ନା ନାହିଁ ସନ୍ଦେହ । ଆପଣ ବଗିଚାରେ ଯେଉଁ ଗଛ ଲଗାଇଛନ୍ତି ଆମ୍ବ, ନଡ଼ିଆ, ପଣସ ଇତ୍ୟାଦି, ବାହୁଙ୍ଗା ପତ୍ର ତ ପଡ଼ିବ, ତତ୍ ସହିତ ଚିନ୍ତାର ବିଷୟ ନଡ଼ିଆ ଚେର ସେ ଅନେକ ଦୂରକୁ ଏବଂ ବହୁତ ତଳକୁ ଭେଦ କରିପାରେ ଏବଂ ସାଧାରଣ ଜନତାଙ୍କ ମନରେ ଆଶଙ୍କା । ସେ ଘରର ଭିତ୍ତିକୁ ମଧ୍ୟ

ଦୁର୍ବଳ କରିଦିଏ । ବୃକ୍ଷପ୍ରେମୀକୁ ପଡ଼ିଶା ଘର ଭଦ୍ରବ୍ୟକ୍ତି ଭଲ ଭାବରେ ଗଛ ଗୁଡ଼ିକୁ କାଟି ଦେବାକୁ କହିଲେ ବିନୟ ସହକାରେ । ତା'ପରେ ଆପଣ ନିଜେ ଭାବି ନିଅନ୍ତୁ ତ ବୃକ୍ଷପ୍ରେମୀ ଏବଂ ପଡ଼ୋଶୀଙ୍କ ମଧରେ ସହୃଦୟତା ରହିବ ତ ? କେତେ ଯତ୍ନରେ ସେ ଦୁଇ ତିନୋଟି ବୃକ୍ଷ ରୋପଣ କରିଥିଲେ, ପ୍ରତିପୋଷଣ କରିଥିଲେ, ବର୍ତ୍ତମାନ ଯେତେବେଳେ ସେମାନେ ଫଳ ଭାରାରେ ଅବନତ ସେମାନଙ୍କୁ କାଟିଦେବେ ?

କଟକ ସହରରେ ପଡ଼ୋଶୀ ମାନଙ୍କ ଭିତରେ ଦ୍ୱନ୍ଦ କଳହ ନଳା (ଡ୍ରେନ୍)କୁ ନେଇ । ପଡ଼ୋଶୀଙ୍କ ପାଣି, ଅପରିଷ୍କାର ପଦାର୍ଥ ତାଙ୍କ ଘର ସାମ୍ନାରେ ଜମା ହେଉଛି, କୋର୍ଟ କଚେରୀ ପର୍ଯ୍ୟନ୍ତ କଥା, କଳିଆରୁ ଆରମ୍ଭ ହୋଇ କେଉଁଠି ମୈତ୍ରୀ ଆଉ ସଦ୍‌ଭାବନା ? ଘରର ଅଳିଆ ନିଜ ଘର କଡ଼ରେ ନ ରଖି ପଡ଼ୋଶୀଙ୍କ ଘରକଡ଼ରେ ରଖିବା । ବିନୟ କରି ନିଜ ଘର ପାଖରେ ଅଳିଆ ଜମା କରିବାକୁ ଅନୁରୋଧ କରେ, ରୁକ୍ଷ ଭାଷାରେ ଅନ୍ୟଠୁ ଜବାବ, ସେ ସ୍ଥାନ କ'ଣ ଆପଣଙ୍କର, ସେ ସ୍ଥାନ ମ୍ୟୁନିସିପାଲିଟିର, ମୋର ମନେ ହୁଏ ଆଉ କିଛି ବଖାଣିବାର ଆବଶ୍ୟକତା ନାହିଁ । ଏ ତ ଗଲା 'ବସୁଧୈବ କୁଟୁମ୍ବକମ୍' ର ଏକ ଝଲକ ।

ବର୍ତ୍ତମାନ ବୈକୁଣ୍ଠ ସମାନ, ମନରେ ଆଜିକାଲିକାର ଯୁଗରେ ଏମିତି ଗୋଟିଏ ଘର ଅଛି ଯେଉଁଠି ପ୍ରତ୍ୟେକ ମନୁଷ୍ୟଙ୍କ ମଧରେ ସ୍ନେହ, ପ୍ରେମର ଅଫୁରନ୍ତ ଉଚ୍ଛ୍ୱାସ ? ଆମ ପୂର୍ବଜମାନେ ଏହି ଅଫୁରନ୍ତ ସ୍ନେହ ପ୍ରେମର ଜୁଆରକୁ ବଞ୍ଚାଇ ରଖିବାକୁ ଅନେକ ପଦ୍ଧତି, ଚଳଣି ସୃଷ୍ଟି କରି ଯାଇଛନ୍ତି । ଭାଇ ଭଉଣୀର ଭଲ ପାଇବାକୁ ବଞ୍ଚାଇ ରଖିବାକୁ ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀର ଅଫୁରନ୍ତ ବିଶ୍ୱାସ ରାକ୍ଷୀଟି ବାନ୍ଧି ଦେଇ ପ୍ରଭୁ ଭାଇଙ୍କୁ ସବୁ ବିପଦ ଆପଦରୁ ରକ୍ଷା କରିବ ଏବଂ ଭାଇର ପ୍ରତିଶ୍ରୁତି ସେ ଭଉଣୀର ସବୁ ଦୁଃଖ ଦୁର୍ଦ୍ଦଶା ବେଳେ ପାଖରେ ଠିଆ ହେବେ । ଏହା ତ ସର୍ବ ଭାରତୀୟ ପର୍ବ । ପଶ୍ଚିମ ଓଡ଼ିଶାରେ ଭାଇ ଜୁଇଁତିଆ ପର୍ବ ପାଳନ କରାଯାଏ, ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ଦିନ । ମା'ଙ୍କର ମହାଷ୍ଟମୀ ଓଡ଼ିଶାମୟ ଏବଂ ବଙ୍ଗରେ ପ୍ରସିଦ୍ଧ ପର୍ବ ପଶ୍ଚିମ ଓଡ଼ିଶାର ଭଉଣୀମାନେ ଭାଇମାନଙ୍କର ଶୁଭକାମନା କରି ସେଇ ଦିନଟି ନିର୍ଜଳା ଉପବାସ କରିଥାଆନ୍ତି ଏବଂ ମା'ଙ୍କୁ ରାତିରେ ପୂଜା, ସକାଳୁ ନିତ୍ୟକର୍ମ ସମାପନ କରି ମା'ଙ୍କୁ ପୂଜା କରି ୧୦୮ ଟି ଦୁବ, ଫୁଲ ଏବଂ ଆଳତୀ ସହ ଭାଇକୁ ବନ୍ଦାପନା କରିଥାଆନ୍ତି । ତା'ପରେ ହିଁ ଜଳ ଗ୍ରହଣ । କି ଅପୂର୍ବ ଭାତୃସ୍ନେହ, କିନ୍ତୁ ବର୍ତ୍ତମାନ ସମ୍ପତ୍ତି ପାଇଁ ଭାଇ ଭଉଣୀଙ୍କ ମଧରେ କୋର୍ଟ କଚେରୀ, ଝର୍ଜାନ୍ତ, ମାନସିକ ଅଶାନ୍ତି, ଯେଉଁଠି ଅର୍ଥର ଆବଶ୍ୟକ ମଧ ନାହିଁ, ସେଇଠି ମଧ ଭଉଣୀ ଯାଇ ମିଥ୍ୟା ଅଭିଯୋଗ କରୁଛି ଭାଇ ବିରୁଦ୍ଧରେ, ବାପାଙ୍କ ଜାଲ ଦସ୍ତଖତ କରାଇ ମୋ ବାପାଙ୍କର ସମସ୍ତ ସମ୍ପତ୍ତି ମୋ ଭାଇ ହଡ଼ପ କରି ନେଇଛି ? କାହିଁ ସେହି ବୈକୁଣ୍ଠ ? ଭାଇ ଭାଇକୁ ଜମିବାଡ଼ି ସଂକ୍ରାନ୍ତରେ ହତ୍ୟା କରିବା, ଘରୁ ବିତାଡ଼ିତ କରିଦେବା, ସମଗ୍ର ସମ୍ପତ୍ତିକୁ ଆତ୍ମସାତ୍ କରିବା ଏମିତି ଖବରକାଗଜରେ ଦୈନନ୍ଦିନ ଖବର ।

ଯୌତୁକ ନିର୍ଯ୍ୟାତନା ଉପରେ ଏତେ ଗଳ୍ପ ପ୍ରବନ୍ଧ ଯେ ସେ ବିଷୟରେ ଆଉ ବଖାଣିବାକୁ କିଛି ନାହିଁ । କେବଳ ଏତିକି କହିବି ପରିବାରର ଗୋଟିଏ ନୂତନ ଅତିଥି ଆସି ପଦାର୍ପଣ କରିଥାଏ ଗୋଟିଏ ଖୁସି ଜୀବନ ବିତାଇବା ପାଇଁ ଏକ ସୁଖମୟ ସଂସାର, ଶାଶୁ ଶ୍ୱଶୁର, ନଣନ୍ଦ ଦିଅର, ସ୍ୱାମୀ ନେଇ ଗଢି ତୋଳିବା ପାଇଁ । ସେଇଠି ପ୍ରଥମ ଧକ୍କା ବାପଘରୁ ଟଙ୍କା ଆଣି ଦେଲେ ସ୍ୱାମୀ ଦୋକାନ କରିବ, ନଣନ୍ଦର ବାହାଘରରେ ଖର୍ଚ୍ଚ କରାଇବ, ଇତ୍ୟାଦି ଇତ୍ୟାଦି ।

ନ ଆଣିଲେ ନାହିଁ ନଥିବା ନିର୍ଯ୍ୟାତନା, ରୋଷଣୀ ଜଳାଇ ବାଣ ଫୁଟାଇ, ନାଚି ଗାଇ ଯାଇ ସେମାନେ ଗୋଟିଏ ଜୀବନ୍ତ ମଣିଷକୁ ଆଣିବାକୁ ଯାଇଥିଲେ ନା ନିର୍ଲଜ ବସ୍ତୁରେ ପରିପୂର୍ଣ୍ଣ ଏକ ଟ୍ରକ୍ ?

ଝିଅ ପୁଅ କୈଶୋରରେ ପଦାର୍ପଣ କଲେ ଘରର ପରିବେଶ ତ ଗୋଟିଏ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇଯାଏ । ସେଇ ସାଙ୍ଗ ସାଙ୍ଗରେ ବେଶୀ ମିଶ ନାହିଁ, ସନ୍ଧ୍ୟାରେ ଘରେ ରହି ପଢ, ସ୍ମାର୍ଟ ଫୋନ୍‌ରେ ବେଶୀ ସମୟ ବିତାଅ ନାହିଁ, ପଦେ କହିଦେଇ ଯୁଦ୍ଧଂ ଦେହିର ପରିସ୍ଥିତି । ଟିକିଏ ବଡ଼ ହେଲା, ସେ କ'ଣ ହେବାକୁ ଚାହୁଁଛି, ଆପଣ ଯାହା ଚାହୁଁଛନ୍ତି ସେ ଯଦି ନ ଚାହୁଁଛି ଅସମ୍ଭାଳ । ଏଇଠି ଜଣେ ନ ଓହରିଲେ, ଛାତ୍ରାବାସକୁ ଗଲେ ଛାତ୍ର କିମ୍ୱା ଛାତ୍ରୀର ଆତ୍ମହତ୍ୟା । ବ୍ୟବହାର ସ୍ମାର୍ଟ ଫୋନ୍‌ର । ତାକୁ ନିଷେଧ କଲେ ଘରେ ମହାଭାରତ ଯୁଦ୍ଧର ସୃଷ୍ଟି । କେବଳ କିଶୋର କିଶୋରୀ କାହିଁକି, ବର୍ତ୍ତମାନ ଯୁବଗୋଷ୍ଠି, ପୌଢପୌଢା ମାନଙ୍କର ଫୋନ୍ ପ୍ରୀତି, ଘରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି ।

ଖାଦ୍ୟ ଟେବୁଲ୍‌ରେ ପରିବେଷଣ ସରିଲାଣି, କେହି ଆସିବାକୁ ଅମଙ୍ଗ, ସମସ୍ତଙ୍କ କାନରେ ସ୍ମାର୍ଟ ଫୋନ୍ । ସନ୍ତାନ ସନ୍ତତି ବଡ଼ ହେଲେ - ତା' ପରେ ଚିନ୍ତା ହାତକୁ ଦି'ହାତ କରିବା, ଘରେ ଗୋଟିଏ ଉତ୍ସବ, ସମସ୍ତଙ୍କର ଖୁସି, ଘରକୁ ବୋହୂ ଆସିବ, ଘରକୁ ଆସି ଜ୍ୱାଇଁ ଝିଅକୁ ନେଇ ବିଦା ହେବ,ଏହି ଯେଉଁ ଖୁସିର ବାତାବରଣ ଘରକୁ ବୈକୁଣ୍ଠରେ ପରିଣତ କରୁଥିଲା । ସେ ମଧ ମୁମୂର୍ଷୁ ଅବସ୍ଥାରେ । ପୁଅ ଝିଅମାନେ କର୍ମକ୍ଷେତ୍ରରେ ଭଲ ଭାବରେ ପ୍ରତିଷ୍ଠିତ ହେଲେ ଯାଇ ବାହା ହେବେ । ପ୍ରାୟ ସମସ୍ତେ ତିରିଶି ବର୍ଷରୁ ଉର୍ଦ୍ଧ୍ୱ ହେଲେ ଯାଇ ବିବାହ କଥା ଚିନ୍ତା । ସାଙ୍ଗ ସାଥୀଙ୍କୁ ଯଦି ପଚାରିଦେଲ ପୁଅ ବାହାଘର ବା ଝିଅ ବାହାଘର ଭୋଜି କେବେ ଦେଉଛ, ସେପଟୁ ଉତ୍ତର ସେ ବାହା ହେବାକୁ ମନା କରୁଛି, ବାହା ହେଲେ ସିନା ଭୋଜି ଦେବି । ଏକ ଅସ୍ୱାଭାବିକ ପରିସ୍ଥିତି, ବୈକୁଣ୍ଠ ସେ କେଉଁଠି ?

ମଧ୍ୟବିତ୍ତ ପରିବାର, ଚାକିରୀ ଜୀବନରେ ବହୁତ ଧାଁ ଧପଡ଼, ଘରେ ବିବାହଯୋଗ୍ୟ କନ୍ୟା, ବୃଦ୍ଧ ପିତା, ବୃଦ୍ଧା ମାତା, ସେମାନଙ୍କର ଦେହ ପା, ଔଷଧ ଖର୍ଚ୍ଚ, ଦର୍ପଣ ସାମ୍ନାରେ ଠିଆ ହେଲେ ଗୋଟେ ଦୁଇଟା ପାଚିଲା ବାଳ ଦୃଷ୍ଟିଗୋଚର ହେଲାଣି । ସେଦିନ ଗୋଟିଏ ସାମ୍ନାଦାନ୍ତ ପଡ଼ିଗଲା । ସ୍ତ୍ରୀଙ୍କର ଦିନରାତି ଅଭିଯୋଗ ଯାହା ଅସଂଖ୍ୟ, ତୀର୍ଥାଟନରୁ ବିଦାୟ ହୋଇଯିବା ପର୍ଯ୍ୟନ୍ତ ।

ବୃଦ୍ଧବୃଦ୍ଧା ହୋଇଗଲେ ସମସ୍ୟା ହିଁ ସମସ୍ୟା । ସ୍ୱାସ୍ଥ୍ୟ ଅବସ୍ଥା ଏତେ ରହିଛି,ବୟସାଧିକ୍ୟ ଯୋଗୁଁ ଶରୀରର ପ୍ରାୟ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ କିଛି ନା କିଛି ଖୁଟ୍‌ଖାଟ୍ ଲାଗି ରହିବ । ବାଳ ପାଚିବ, ଦାନ୍ତ ପଡ଼ିବ, କାନକୁ କମ୍ ଶୁଭିବ, ଆଖିକୁ ଅଳ୍ପ ଦିଶିବ, ଆଣ୍ଠୁ ବିନ୍ଧିବ, ଚାଲିବାକୁ ଅସୁବିଧା ଲାଗିବ ଇତ୍ୟାଦି ଇତ୍ୟାଦି । ସାମାଜିକ ସ୍ତରରେ ଭିନ୍ନ ଭିନ୍ନ ସମସ୍ୟା ରହିଛି । ସ୍ତର ଅନୁସାରେ ଉଚ୍ଚବର୍ଗ, ମଧ୍ୟମ, ଗରିବ । ଉଚ୍ଚବର୍ଗଙ୍କ ଅସୁବିଧା, ଏକାକିତ୍ୱ । କେହି ହତାଦର କରନ୍ତି ନାହିଁ ନା ଅନାଦର । ସେବା, ଯତ୍ନ, ଔଷଧ, ଖାଇବା, ରହିବାର କୌଣସି ଅସୁବିଧା ନାହିଁ, କିନ୍ତୁ ପରିବାରରେ ସଦସ୍ୟମାନଙ୍କ ପାଖରେ ସମୟ ନାହିଁ ସେମାନଙ୍କ ସାଙ୍ଗରେ କିଛି ସମୟ ବିତାଇବା ପାଇଁ ସେମାନେ ଯଦିଓ ଏକା ଘରେ ବାସ କରୁଥାଆନ୍ତି, ଅଧିକାଂଶ କ୍ଷେତ୍ରରେ ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତିନାତୁଣୀ ଆମେରିକାରେ, ଅଷ୍ଟ୍ରେଲିଆରେ, ଇଉରୋପ୍‌ରେ କୌଣସି ସହରରେ, ବର୍ଷେ ଦୁଇବର୍ଷରେ ଥରେ ଅଧେ ଦେଖା । ସେଥିରେ ସେମାନେ ଭାରତ ପରିଭ୍ରମଣର ଟିକେଟ୍ ନେଇ ଆସିଥିବେ ? ଆପଣଙ୍କର ସମସ୍ତ ଯୋଜନାର ଇତିଶ୍ରୀ କରି । କେଉଁଠି ବୈକୁଣ୍ଠ ?



ମୁଁ ଥରେ ସିଙ୍ଗାପୁର ଯାଇଥାଏ ମୋ ଝିଅ ଜ୍ୱାଇଁଙ୍କ ପାଖକୁ । ମୋର ପାଞ୍ଚ ବର୍ଷର ଗୋଟିଏ ନାତି, ମୁଁ ଦିନେ ତାକୁ ଡ଼ାକି କହିଲି, 'ତୁ ପାଖରେ ବସ୍, ମୁଁ ତୋତେ ସୁନ୍ଦର ସୁନ୍ଦର କାହାଣୀ ଶୁଣାଇବି, ମୋବାଇଲ୍ ଧରି ସବୁବେଳେ କାହିଁକି ବସୁଛୁ ?' ସେ କହିଲା, 'ଆଈ, ଆମର ଗୋଟିଏ କ୍ଲାସ୍ ଅଛି କାହାଣୀ ଶୁଣିବାର । ଟାବ୍‌ଲେଟ୍‌ରେ ମଧ ବହୁତ କାହାଣୀ ଅଛି ପଢି ହେବ । ମୁଁ ଆଜି ଡ଼ାଡ଼ି ଆସିଲେ କହିବି ତମକୁ ଗୋଟିଏ ଦାମୀ ସ୍ମାର୍ଟ ଫୋନ୍ ଆଣି ଦେବେ । ତମେ ମଧ ମୋ ପରି ସବୁ ପଢିପାରିବ ସେଇଥିରୁ । ମୋର ବୈକୁଣ୍ଠର ଇତିଶ୍ରୀ । ନାତି ସହିତ ଖେଳିବି, ଗପ କହିବି, ତା'ର ମନୋବୃତ୍ତି ଜାଣିବାର ଆକାଂକ୍ଷାର ପରିସମାପ୍ତି ।

ମଧବିତ୍ତଙ୍କ କଥା ଯେ ନ କହିବା ଭଲ । ଅଫିସ୍‌ରେ କାର୍ଯ୍ୟର ବୋଝ ଅଧିକା, ପୁଅର ପରୀକ୍ଷା, ତାକୁ ନିଆ ଅଣା, ମାସ ଶେଷ, ସବୁବେଳେ ଅର୍ଥର ଉକ୍ଟ ଅଭାବ, ବାପା ମା'ଙ୍କ ଯତ୍ନ ନେବାକୁ ଇଚ୍ଛା ଥିଲେ ମଧ କୌଣସି ସ୍ତରରେ ନେବା ସମ୍ଭବ ନୁହେଁ । ବୈକୁଣ୍ଠର ଅନୁଭୂତି ଆସିବ କୁଆଡୁ ?

ଗରିବ ଶ୍ରେଣୀର ବୃଦ୍ଧ ବୃଦ୍ଧା ମାନି ନେଲେଣି ସେମାନଙ୍କ ପାଇଁ ଶ୍ରେଷ୍ଠ ସ୍ଥାନ । ଦୁଇବେଳା ଖାଇବାକୁ ମିଳୁଛି, ଖଟ ଶେଯ ଅଛି, ମୁଣ୍ଡ ଉପରେ ଛାତ । କଥାବାର୍ତ୍ତା ହେବାକୁ ସାଙ୍ଗ ସାଥୀ । ମଣିଷ ସବୁବେଳେ ନିଜର ଆତ୍ମୀୟସ୍ୱଜନମାନଙ୍କ ଠାରୁ ସ୍ନେହ, ସହାନୁଭୂତି ଏବଂ ଏଇ ବୟସରେ ଆଶା କରେ ଯଥୋଚିତ ସମ୍ମାନ ଏବଂ ଆନୁଗତ୍ୟ । ନ ପାଇଲେ ମାନସିକ ସ୍ତରରେ ଅସୁଖୀ ହୋଇଯାଏ । ବିକଳ୍ପ ପନ୍ଥା ଅଛି । ତା'ର ସୁଉପଯୋଗ କଲେ ଏଇ ପୃଥିବୀ ତାଙ୍କୁ ବୈକୁଣ୍ଠ ପରି ପ୍ରତୀୟମାନ ହୋଇପାରେ । ମଝିରେ ମଝିରେ ପୁଅ, ଝିଅ, ନାତି ନାତୁଣୀ ଆସି ଦେଖିଯିବା, ପୁଣ୍ୟପର୍ବରେ ଘରକୁ ନେଇଯିବା, ନ ନେଇ ପାରିଲେ ପିଠାପଣା ଧରି ସେମାନଙ୍କ ପାଖକୁ ଆସିବା ଏବଂ ସେମାନଙ୍କର ମୃତ୍ୟୁ ପରେ, ସେମାନଙ୍କ ଶରୀରକୁ ଘରକୁ ନେଇ ଉପଯୁକ୍ତ ମର୍ଯ୍ୟାଦା ଅନୁସାରେ ପ୍ରେତକ୍ରିୟା ସମ୍ପନ୍ନ କରିବା । ନିଜେ ନ ଖାଇ, ନ ପିଇ ସେମାନଙ୍କୁ ମଣିଷ କରି ତୋଳିବା ପଛରେ ଅଦମ୍ୟ ଇଚ୍ଛା, ପୁଅ ସେ ମଲା ପରେ ତାଙ୍କୁ ମୁଖାଗ୍ନି ଦେବ । ସେତିକି ମିଳିବା ମଧ ଦୁଃସାଧ ହୋଇ ଯାଉଅଛି, ବୈକୁଣ୍ଠ ଆସିବ କୁଆଡୁ ।

ଲେଖିତ ଦେଲି ଏଇ ଯୁଗ ବିଷୟରେ, ବୈକୁଣ୍ଠ ସମାନ ଘରର ବିଲୋପ ବିଷୟରେ । କିନ୍ତୁ ସତରେ କ'ଣ ଏମିତି ଘରଟିଏ ଥିଲା କେଉଁ ଯୁଗରେ ?

ସତ୍ୟଯୁଗ, ହିରଣ୍ୟକଶିପୁ, ପ୍ରହ୍ଲାଦ, ପିଉସୀ ହୋଲ୍ଲିକା, ସେଇ ଘରେ କୌଣସି ସମୟରେ ମଧ ବୈକୁଣ୍ଠ ସମାନ ନ ଥିବ ବୋଲି ମୋର ମନେ ହୁଏ ? ଆପଣମାନଙ୍କ ମତ କ'ଣ ? ତ୍ରେତୟା ଯୁଗ, କୈକେୟୀ, ମନ୍ଥରା, ତା'ପରେ ରାମଙ୍କ ବନବାସ, ସୁର୍ପଣଖାର ଆବିର୍ଭାବ, ସୀତା ହରଣ, କେଉଁ ଘରେ ଥିଲା ବୈକୁଣ୍ଠ ? ନା ଅଯୋଧାରେ ନା ଲଙ୍କା ପୁରୀରେ ? ନା ରାମ ଅଯୋଧରେ ଅଭିଷେକ ହେବା ପରେ ସୀତାଙ୍କ ବନଗମନ ପରେ ?

ଦ୍ୱାପର ଯୁଗ କଥା ତ ନ କହିବା ଭଲ । କଂସଙ୍କର ମଥୁରାରେ ଅତ୍ୟାଚାର, ନିଜ ପିତାମାତାଙ୍କ ଠାରୁ ବିଚ୍ଛିନ୍ନ ପୁତ୍ର । ପୁତ୍ରମାନଙ୍କ ମଥୁରା ଗମନ ପରେ ଗୋପର ଅବସ୍ଥା, ଜରାସନ୍ଧର ମଥୁରା ଆକ୍ରମଣ, ଦ୍ୱାରକା, କୌରବ ପାଣ୍ଡବ, ଶକୁନି ମାମୁଁ, ଥିବ କ'ଣ ସେଇଠି ବୈକୁଣ୍ଠ ପୁରର ଅବସ୍ଥିତି ?

ହେ ସୁଧୀ, ସୁଜନ, ଆମମାନଙ୍କର ସମସ୍ୟା ଅଗଣିତ । ଆମେ 'ବସୁଧୈବ କୁଟୁମ୍ବକମ୍' କେଉଁଠି ଖୋଜିବା ? ଆମର ଏଇ ପୃଥିବୀରେ ନା ଅନ୍ୟ କେଉଁ ଗ୍ରହ ଉପଗ୍ରହରେ ?

ବୈକୁଣ୍ଠ ସମାନ ଆହା ଅଟେ ସେଇ ଘର ଯେଉଁଠି ସବୁବେଳେ ବହୁଥାଏ ମଳୟ ପବନ । ସ୍ନେହ, ପ୍ରେମ, ଭକ୍ତି, ଶ୍ରଦ୍ଧା, କରୁଣାରେ ସଦା ପରିପୂର୍ଣ୍ଣ ସମସ୍ତଙ୍କ ସବୁବେଳେ ସହାସ୍ୟ ବଦନ, କିନ୍ତୁ କୌଣସି ଜିନିଷ ପୃଥିବୀରେ ଅସମ୍ଭବ ନୁହେଁ ।

'Impossible is the word which is found in fools' dictionary'

ଆମ ପୂର୍ବଜଙ୍କ ଅପୂର୍ବ ଦୁଇଟି ଅକ୍ଷର 'ବସୁଧୈବ କୁଟୁମ୍ବକମ୍' ଆମେ ଚାହିଁଲେ ବର୍ତ୍ତମାନ ମଧ ପୁନର୍ଜୀବିତ କରି ପାରିବା । ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାପଡୁଛି ଯେ ଆମେ ସେଇ ଦିଗରେ ଆସ୍ତେ ଆସ୍ତେ ଅଗ୍ରସର ହେଉଅଛୁ । ପ୍ରଖ୍ୟାତ ଲେଖକ 'ଲିଓ ଟଲଷ୍ଟୟ' ତାଙ୍କର ପୃଥିବୀ ପ୍ରସିଦ୍ଧ ଉପନ୍ୟାସ ....ଆଜକୁ ପ୍ରାୟ ଦେଢଶହ ବର୍ଷ ତଳେ ଲେଖିଥିଲେ ଏବଂ ଉଲ୍ଲେଖ କରିଥିଲେ ଯୁଦ୍ଧ ହିଂସାତ୍ମକ ଏବଂ ଏହାର ପ୍ରଭାବ ଜନ ଜୀବନରେ ପଡ଼ିଥାଏ । ବର୍ତ୍ତମାନ ପୃଥିବୀରେ ଯେଉଁ ଦୁଇ ତିନୋଟି ସ୍ଥାନରେ ଯୁଦ୍ଧ ଚାଲିଛି, ଅଧିକାଂଶ ଦେଶ, ମହାଦେଶଙ୍କର ସେଥିରେ ସଂପୃକ୍ତି ନାହିଁ, କିନ୍ତୁ ସବୁ ଦେଶର ଜନଜୀବନ ପ୍ରଭାବିତ ହେଉଛନ୍ତି, ସେଥିରେ ଦ୍ୱିରୁକ୍ତି ନାହିଁ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁଦ୍ଧ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ, ତିନି ବର୍ଷ ଧରି ଚାଲିଲାଣି, କିନ୍ତୁ ସମଗ୍ର ପୃଥିବୀ ନିରବ, କାହାରି ସପକ୍ଷ ବା ବିପକ୍ଷରେ କୌଣସି ଦେଶ ଯାଉନାହାନ୍ତି । ମାନେ, କେହି ମଧ ପୃଥିବୀରେ ତୃତୀୟ ମହାଯୁଦ୍ଧକୁ ସମର୍ଥନ କରୁନାହାନ୍ତି । ବର୍ତ୍ତମାନ ଆମେରିକା, ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଚାଲିଛି, ସମସ୍ତେ ନୀରବ । ଏହା କ'ଣ ବିଶ୍ୱ ଭ୍ରାତୃତ୍ୱର ଆଗମନି ବାର୍ତ୍ତା ନୁହେଁ ? ଶାନ୍ତି, ସଦ୍ ଭାବନାର ସଦିଚ୍ଛା ? ପ୍ରତ୍ୟେକ ଦେଶରେ ଅଭ୍ୟନ୍ତରୀଣ ଗଣ୍ଡଗୋଳ ରହିଛି, କିନ୍ତୁ ଯେତେ ଶୀଘ୍ର ତା'ର ସମାଧାନ ହେବ, ସେଥିରେ ସବୁ ଦେଶ ଚେଷ୍ଟିତ । ଭାଇଚାରା ବୃଦ୍ଧି କରିବା, ଦଙ୍ଗା ରୋକିବା, ଲୁଟତରାଜ, ନାରୀମାନଙ୍କ ପ୍ରତି ଅତ୍ୟାଚାର ମୁଳୋତ୍ପାଟନ ପାଇଁ ଅନେକ ବ୍ୟବସ୍ଥା କରାହେଉଛି ପ୍ରତ୍ୟେକ ଦେଶ, ମହାଦେଶ ମାନଙ୍କରେ । ଏକ ଲକ୍ଷ 'ବସୁଧୈବ କୁଟୁମ୍ବକମ୍' । ବନ୍ୟା, ବାତ୍ୟା, ଭୂମିକମ୍ପ, ସୁନାମିରେ ସବୁ ଦେଶର ସାହାଯ୍ୟର ହାତ ଲମ୍ବି ଆସୁଛି ସେଇ ପୀଡ଼ିତ ଦେଶକୁ । ଲକ୍ଷ୍ୟ ସାହାଯ୍ୟ, ସହାନୁଭୂତି, ଜନକଲ୍ୟାଣ, ସହଯୋଗିତା ସଦ୍ ଭାବ, ସାମାଜିକ ସ୍ତରରେ ସହନଶୀଳତା, ଦୟା, କ୍ଷମା, ସାହାଯ୍ୟ, ସହାନୁଭୂତି, ଜନକଲ୍ୟାଣ, ସହଯୋଗିତା, ସଦ୍‌ଭାବ, ସାମାଜିକ ସ୍ତରରେ ସହନଶୀଳତା, ଦୟା, କ୍ଷମା, ପରୋପକାର, ମୂଳମନ୍ତ୍ର ଏବଂ ଦୈନନ୍ଦିନ ଜୀବନରେ ତା'ର ଉପଯୋଗ ।

ପୃଥିବୀର ରାଜନେତାମାନେ ସୁସ୍ଥ ମନରେ ଶାନ୍ତିପୂର୍ଣ୍ଣ ଭାବରେ ଯେଉଁ ସମସ୍ୟା ପାଇଁ ସେମାନେ ଯୁଦ୍ଧ କରୁଛନ୍ତି, ଯୁଦ୍ଧ ନ କରି ତା'ର କେମିତି ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ ସେଇ ବିଷୟରେ ଚିନ୍ତନ, ମନନ, ଜାତିସଂଘର ସମସ୍ତ ସଦସ୍ୟ ଯୁଦ୍ଧର ବିକଳ୍ପ କ'ଣ ହୋଇପାରିବ ଏବଂ ସମାଧାନର ସେଇ ଦିଗରେ ପ୍ରଚେଷ୍ଟା ।

ବୈକୁଣ୍ଠ ସମାନ ଘର ପାଇଁ ମୁରବୀ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ଯୁଗ ସହିତ ତାଳମେଳ ରଖି ଗୃହର



ପ୍ରତ୍ୟେକ ସମସ୍ୟାର ସମାଧାନ ପରିବାରର ସମସ୍ତ ସଦସ୍ୟଙ୍କ ସହଯୋଗିତା କାମ୍ୟ । ବୃଦ୍ଧ, ବୃଦ୍ଧା, ପୌଢ, ପୌଢା, ଯୁବକ, ଯୁବତୀ, କୈଶୋର ବୟସର ପିଲାମାନେ ସମସ୍ତେ ଅଂଶ ଗ୍ରହଣ କରିବା ବିଧେୟ, ତା'ହେଲେ ଗୋଟିଏ ସୁଖୀ ଏବଂ ସମୃଦ୍ଧ କୁଟୁମ୍ବ ଗଠନ ହୋଇପାରିବ । ପ୍ରଥମ ଏବଂ ପ୍ରଧାନ ଗୁଣ ହେଲା ସହିଷ୍ଣୁତା, ତା'ପରେ କ୍ଷମା, ଲକ୍ଷ୍ୟ ଘର ଭିତର ଶାନ୍ତି ଏବଂ ଆନନ୍ଦ । ବୟସ୍କ ପିଢି ଭାବୁଛନ୍ତି କନିଷ୍ଠ ସେମାନଙ୍କୁ ଯେଉଁ ଶ୍ରଦ୍ଧା, ସମ୍ମାନ ଦେବା କଥା ଦେଉନାହାନ୍ତି, ପିଲାମାନେ ଭାବୁଛନ୍ତି ଆମର କୌଣସି କଥାକୁ ସମର୍ଥନ ମିଳୁନାହିଁ । ବର୍ତ୍ତମାନ ସ୍ମାର୍ଟ ଫୋନ୍ ଗୋଟିଏ ପ୍ରଶ୍ନବାଚୀ ହୋଇ ପରିବାରରେ ଠିଆ ହୋଇଛି । କର୍ଣ୍ଣାଟକ ସରକାର ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ଡ଼ିଜିଟାଲ ବ୍ୟବହାର ପାଇଁ ନୀତି ପ୍ରଣୟନ କରିଛନ୍ତି ଏବଂ ଅନେକ ସର୍ତ୍ତ ରଖିଛନ୍ତି । (ସମାଜ, ୨୩-୨୦୨୬) ପରିବାରରେ କିଶୋର କିଶୋରୀମାନଙ୍କ ପାଇଁ ହୋଇଥିବା ଅଶାନ୍ତି, ଦୂରେଇ ଯିବ ବୋଲି ଆଶା ।

ଶ୍ରୀକୃଷ୍ଣ କହିଛନ୍ତି, 'ସବୁଠୁ ଖରାପ ସମୟ ବ୍ୟତୀତ କରିଥିବା ବ୍ୟକ୍ତି ହିଁ ସବୁଠୁ ଭଲ ଭବିଷ୍ୟ ନିର୍ମାଣ କରନ୍ତି ।' ଆମେମାନେ ଯେଉଁ ସମୟ ଦେଇ ଗତି କରୁଅଛୁ ସେ ତ ସବୁଠୁ ଖରାପ ସମୟ । ତେଣୁ ପ୍ରଭୁଙ୍କ କହିବା ଅନୁସାରେ, ଆମେ ଗୋଟିଏ ଭଲ ସମୟ ସୃଷ୍ଟି କରିପାରିବା ସେଥିରେ ସନ୍ଦେହ ନାହିଁ । ପୂର୍ବ ପିଢିଙ୍କ ଠାରୁ ଉତ୍ତର ପିଢି ଅଧିକ ଜ୍ଞାନ ସମ୍ପନ୍ନ । ଉପଯୁକ୍ତ ମାର୍ଗ ଦର୍ଶନ ନିଶ୍ଚିତ ଭାବରେ ଆମର ଏହି ଜ୍ଞାନୀ ଗୁଣୀ ପୂର୍ବଜ ମାନେ କହିଥିବା ଉକ୍ତିକୁ ସତ୍ୟରେ ପରିଣତ କରିପାରିବେ । ଏଥିରେ ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ଏବଂ ଆନ୍ତରିକତା ଆବଶ୍ୟକ ।

ଆମ ସଂସ୍କୃତି, ଚାଲିଚଳନ ଯେମିତି ମାର୍ଜିତ ରୁଚିସମ୍ପନ୍ନ ହୁଏ ସେ ଦିଗରେ ଧ୍ୟାନ ଦେବାଟା ଆବଶ୍ୟକ । ତେବେ ବର୍ତ୍ତମାନ ଆମେ କରିବା କ'ଣ ? ସହିଷ୍ଣୁତା, କ୍ଷମା ଏବଂ ଦୟା କହିଦେବା, ଲେଖିଦେବା ଯେତେ ସହଜ, କରିବା ବହୁତ କଷ୍ଟକର । ତଥାପି ଆଜି ଚେଷ୍ଟା ଆରମ୍ଭ କଲେ କିଛି ବର୍ଷ ପରେ ନିଶ୍ଚୟ ସୁଫଳ ମିଳିବ ।

ପ୍ରଭୁ ତ ନିଜେ ଗୀତାରେ କହିଛନ୍ତି -

" ଯଦା ଯଦା ହିଁ ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନଂ ଅଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।"

ସେ ନିଶ୍ଚୟ ସାହାଯ୍ୟ କରିବେ ଏବଂ ଭକ୍ତକବି ମଧୁସୂଦନ ରାଓଙ୍କ ବାଣୀ -

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।'

ନିଶ୍ଚିତ ଭାବରେ ପ୍ରତ୍ୟେକ ଗୃହାଙ୍ଗନକୁ ବୈକୁଣ୍ଠରେ ପରିଣତ କରିଦେବ ।

ଜୟ ଜଗନ୍ନାଥ ।




## ବିଶେଷ ସୂଚନା

### ନାରୀସୁରକ୍ଷା ପତ୍ରିକାକୁ ଲେଖା ପଠାଇବାର ନିୟମାବଳୀ

- ଲେଖାଗୁଡ଼ିକ ସ୍ପିଡ୍ ପୋଷ୍ଟ କିମ୍ବା ମେଲ୍ ଜରିଆରେ ପଠାନ୍ତୁ ।
- ଦୁଇ ରୁ ତିନି ପେଜ୍ ଭିତରେ ଗଳ୍ପ, ପ୍ରବନ୍ଧ ପଠାନ୍ତୁ ।
- ଅମନୋନୀତ ଲେଖା ଫେରସ୍ତ ଦିଆଯାଏନାହିଁ ।
- ସମୟ ସୁବିଧା ଦେଖି ଲେଖାଗୁଡ଼ିକ ପ୍ରକାଶିତ ହେବ । ସମ୍ପାଦିକା ମଣ୍ଡଳୀ ଉପରେ କୌଣସି ଚାପ ପକାନ୍ତୁ ନାହିଁ ।

ଧାରାବାହିକ

# ଲେଖିକା ସଂଯୁକ୍ତା ମହାନ୍ତିଙ୍କ ଜୀବନୀ

## ଉପକ୍ରମଣିକା



ସଂଯୁକ୍ତା ମହାନ୍ତି

" ଆତ୍ମ କାହାଣୀ ଲେଖିବା ପରି ଜୀବନ ମୋର ନାହିଁ କି ଏତେ ଚମକ ନାହିଁ କି ଘଟଣା ବହୁଳତା ବି । ତେଣୁ ମୁଁ ଆଗେଇ ଯାଇନି । ତେବେ ଭାବେ ଯେଉଁମାନେ ମୋତେ ବଡ଼ କଲେ ଯେଉଁ ଗାଁର ଚରିତ୍ରମାନେ କୋଳରେ କାଖେଇ କରିଥିଲେ ସେମାନଙ୍କ ପ୍ରତି ମୋର କୃତଜ୍ଞତା ତ ରହିବ । ମୁଁ କଣ ଋଣୀ ନୁହେଁ କି ସେମାନଙ୍କ ସ୍ନେହର, ଅନ୍ତରଙ୍ଗତାର ! ମୁଁ କଣ ଲେଖି ପାରିବି । ଆତ୍ମକାହାଣୀ ଲେଖିବାକୁ ସାହସ ଦରକାର । ତେବେ କାହିଁକି ଲେଖିବି । ମୋର ବି ସ୍ମୃତି ଶକ୍ତି କମ । ଡ଼ାଏରି ଲେଖେନି । ତେଣୁ କଣ ବା ମନେ ଅଛି ଯେ ବିଷଦ ବର୍ଣ୍ଣନା କରି ପାରିବି । ତେବେ ବହୁତ ମନେ ପଡ଼ିଲା ପିଲା ଦିନ । ଲାଗିଲା ନ ଲେଖିଲେ ସେହି ମଣିଷଙ୍କ ପ୍ରତି ଅନ୍ୟାୟ ହେବ । ଯେଉଁମାନେ ମୋତେ ବଡ଼ କଲେ । ଏତେ ଶ୍ରମ, ସ୍ନେହ ଦେଲେ । ଯେଉଁଠୁ ମନେ ଅଛି ସେଇଠୁ ଲେଖୁଛି । ଲେଖିଥିଲି ପାଞ୍ଚ ବର୍ଷ ତଳେ । ହେଲେ ପଡ଼ିଛି । ଟିପି ପାରିନି । ଆଜି ଭାରି ଇଚ୍ଛା ହେଲା ମୋବାଇଲ୍‌ରେ ଟାଇପ କରେ । ଆଉ କଷ୍ଟ କରି ଏତକ ଲେଖିଛି । ସେ ଖାତାରେ ଯାହା ଥିଲା ତାଠୁ ଅଲଗା ପ୍ରକାର ।

**ଭାଗ -୧**

ବାପା ଯୁଆଡ଼େ ବାହାରିଲେ ମୁଁ ବାହାରେ । ଏମିତି କି ଭାଇକୁ ଜଗିଥାଏ । ସେ ତା ସାଙ୍ଗ ମାନଙ୍କ ସାଙ୍ଗରେ କୁଆଡ଼େ ଉଡ଼ି ଚାଲିଯାଏ ସିନେମା ଦେଖିବାକୁ । ମୁଁ କାନ୍ଦିଲେବି ନିଏନି । ବାପାବୋଉ ଯୁଆଡ଼େ ବାହାରିଲେ ମୁଁ ଚାଲିଲି । ହୁଏତଃ ସେମିତି କିଛି ହୋଇଥିବ । ତାଙ୍କ ସାଙ୍ଗରେ ଯାଇଛି ପୁରୀ ମ୍ୟୁନିସିପାଲିଟି ମାର୍କେଟକୁ । ପରିବା ବ୍ୟାଗ ସାଇକେଲ ରେ ଓହଳି ଥାଏ । କହିଲେ ଧରିକି ଠିଆ ହୋଇଥା । ମୁଁ ଟିକେ ଆସେ । ଏଇ ସମୟରେ ଷଣ୍ଢ ଆସି ଶାଗ ବିଡ଼ା ଖାଇବା ଉପରେ । ମୋ ମନରେ ଜିଜ୍ଞାସା ମୁଁ ଧରି କି ଠିଆ ହେବି କାହିଁକି । ଗଡ଼େଇ ଗଡ଼େଇ ନେଲି । ପୁଣି ଜିଜ୍ଞାସା ଚଲେଇବିନି କାହିଁକି । ଏଇ ବୋଧହୁଏ ମଣିଷ ବ୍ରେନ । ଯିଏ ଗୁହାରୀ ଜୀବନ ଭିତରେ ଜିଜ୍ଞାସା ଖୋଜିଥିଲା । ବାହାରି ଘର କରିଥିଲା, ବକଳ ପିନ୍ଧିଥିଲା । ନିଆଁ ଜଳିବା ଶିଖିଲା, ମାଂସ ପୋଡ଼ି ଖାଇବା ଶିଖିଲା । ପୁଣି ଆକାଶ, ପାଣି, ବିଦ୍ୟୁତ, ଅଗ୍ନି, ସମୁଦ୍ର, ସୂର୍ଯ୍ୟ, ଚନ୍ଦ୍ର ସବୁ ଦେଖି ଭାବି ଚାଲିଲା । ସଭ୍ୟତା ତିଆରି କଲା । ଚାଷ କଲା । ଘର କଲା, ସହର କଲା । ପୋଷାକ ପିନ୍ଧିଲା, ବେଦ ରଚନା କଲା । ଭାବିଲା ଭାବିଲା । ମଣିଷ ....... । ବୁଦ୍ଧିମାନ ମଣିଷ (Homosapiens) ସେଇଠି ଉନ୍ମେଷ ହେଲା ମୋର ସେଇ ଯନ୍ତ୍ର ପ୍ରତି କୌତୁହଳ । ବାପା ଏତେ ଭଲ ଆଉ ବ୍ରଡ୍ ମନର ଯେ ସବୁବେଳେ ଭାବନ୍ତି ପିଲା ନିଜେ ଶିଖୁ, ଜାଣୁ, ସମ୍ମୁଖୀନ ହେଉ । ପରେ ମୁଁ ବଡ଼ ଦାଣ୍ଡ ଧୂଳିରେ ସେଇ ସାଇକେଲ୍‌କୁ ନେଇ ବାହାରି ଯାଏ । ଗୋଡ଼ ଗଳେଇ ଅଳ୍ପ ବାଟ ଯାଏ । ବାପା ବି ଧରନ୍ତି । ଗୋଡ଼ ଘୋଷାରି ଦିନେ ପେଡ଼ଲ

ଉପରେ ପଡ଼େ । ଆଉ ମୋର ହାଫ୍ ପେଡ଼ଲ ହୁଏ । ପୁଣି ଛୋଟ ନଅ ବର୍ଷ ପିଲାର ଏକାକୀ ସଂଗ୍ରାମ ଜାରି ରୁହେ । ଆଉ ପାଖରେ କେହି ନଥାନ୍ତି । ନା ସେତେବେଳେ ଭୟ ଥାଏ ଛୁଆକୁ କିଏ ନେଇଯିବ । ନା ମଣିଷର ସନ୍ଦେହ ଥାଏ ପରିବେଶକୁ । ମଣିଷର ସହୃଦୟତାରେ ଗଢା ପରିବେଶ । ପରିବେଶର ଲୋକ । ମୋର ଡ଼ର ନାହିଁ । କେଜାଣି ବୋଉ ଚୁଲି ମୁଣ୍ଡରେ ହୁଏତଃ ଭାବୁଥିବ ଝିଅ କୁଆଡ଼େ ଗଲା । ଡ଼ରୁଥିବ । ଅପେକ୍ଷାରେ ଥିବ । ମୁଁ ମଗ୍ନ ପ୍ରଜାପତି ପରି ଉଡ଼ି ବୁଲୁଥିବି ବଡ଼ ଦାଣ୍ଡରେ । ମୋର ସ୍ୱପ୍ନ ନେଇ, ସାଇକେଲ ନେଇ । ହୁଏତଃ ମୋ ଆଗରେ ପାହାଡ଼ ଉଠିବା ପରି ଚେଷ୍ଟା ଥିବ ଶିଖିବାର । ସେମିତି ମୋର ପ୍ରଶ୍ନବାଚୀ, କୌତୁକରୁ ଆରମ୍ଭ ହୁଏ ମୋର ସାଇକେଲ୍ ଚଲା । ମୋର ଜ୍ଞାନ ଯେଉଁଠି ଶିଶୁ ପରି ଅଥଚ ମନର କଳ୍ପନାରେ ପକ୍ଷୀର ଡ଼େଣା ।

**ଭାଗ -୨**

ମୋର ସ୍ୱପ୍ନ ସରେନି । ମୁଁ କ୍ଲାସ ରୁମ ଭିତରେ ବସି ସ୍ୱପ୍ନ ଦେଖୁଥାଏ । ଆଜି ନିଶ୍ଚୟ ସିଟ ଉପରେ ବସି ଚଳେଇବି । କିନ୍ତୁ ଉଠିବି କେମିତି । ବାପାଙ୍କ ୨୪" ର ସାଇକଲ । କ୍ରାଙ୍କରେ ପାଦ ରଖି ଉଠିବି । ହ୍ୟାଣ୍ଡଲ ସିଧା ହେଉନି । ତଳକୁ ମୁହଁ ହୋଇଯାଉଛି । ଦୁଇ ହାତରେ ହାଣ୍ଡେଲ ଧରି ପେଡ଼ଲ ମାରି ପାରୁନି । ହାଫ୍ ପ୍ରାୟ । ଫୁଲ ମାରିଲେ ସେ ପୁଣି ସିଟ ଉପରେ ଗୋଟେ ହାତ ରହୁଛି । କିନ୍ତୁ ମୋର ମନ ଉଡ଼େ । କଳ୍ପନା ଆରମ୍ଭ ହେଉଥାଏ ଫୁଲ ସିଟ କେବେ । ଘରକୁ ଗଲେ ସାଇକେଲ ଥିବ ତ ? ବାପା ଫେରିଥିବେ ତ ? ସ୍କୁଲରୁ ଫେରି ବଡ଼ ଦାଣ୍ଡ ଧୂଳିରେ ଗୋଡ଼ ଛାଟିଛାଟି ଚାଲେ । ବାଟରେ ପଡ଼େ ଗୋଟାଏ କାବିନ । ସେଇ କାବିନରୁ ଜଳ ଛବି କିଣେ । ପାଣିରେ ପକେଇ ଭିଜିଗଲେ ବହି ଉପରେ ପକେଇ ଦେଲେ ସୁନ୍ଦର ଛବି ହୁଏ । ସେଇ ଦୋକାନରେ ଝୁଲୁଥାଏ ଗୋଟାଏ କୁନି ତାସମୁଠା । ଅତି ସୁନ୍ଦର ଦେଖାଯାଏ । ସେଇଟା ଲଟେରୀ ଆଇଟମରେ ଉଦ୍ଦିଷ୍ଟ ଥାଏ । କଣ ପାଇଁ ଗୋଟେ ଲଟେରୀ ଥାଏ । ଦିନେ ସେଇ ତାସ ମୋର ଉଠିଲା । ମୁଁ ସେଇ ମୁଠାରୁ ବୋଧ ହୁଏ ତାସ ଖେଳ ଶିଖିଲି । କହୁଥିଲି ମୋର ସ୍ୱପ୍ନ ସିଟ ଉପରେ ବସିବାର କଥା । ଚତୁର୍ଥ ଶ୍ରେଣୀ ଗଲା । ହେଲାନି ବଡ଼ ସାଇକେଲ୍ ପୁଣି । ହୁଏତଃ ଗୋଟାଏ ପ୍ରକାର ଥିଲା ।

**ଭାଗ-୩**

ପୁରୀର ମାଉସୀ ମା ଲେନରେ ଆମ ବସା । ମାନେ ଭଡ଼ା ଘର । ତାକୁ ବସା କହୁଥିଲେ ଆଗେ ବୋଧହୁଏ । ନିଜ ଘରକୁ ଘର । ସେଇ ଘର ଟିଣର । ବିଶାଳ ସାହି । ଡ଼ାହାଣ ପାଖେ ବଗିଚା । ସୁଗନ୍ଧ ରାଜ୍ ଟଗର ଆଲୋଭେରା କେତେ ଲତା ଅପରାଜିତା ଏମିତି କେତେ । ବାମ ପଟେ ଗାଧୁଆ ଘର । ଟ୍ୟୁବ ୱେଲ୍ । ସାମ୍ନାରେ ତିନିଟା ଘର ପଛ ଧାଡ଼ିରେ ଦୁଇଟା ଓଭରସିଅରଙ୍କ ଘର ।

**ଭାଗ-୪**

ସେହି ଘରର ଗୋଟାଏ କଣ ଘର ଆମର । ଆଗ ଧାଡ଼ି ଯେଉଁଟା ରାସ୍ତା ଆଡ଼କୁ । ମଝି ଘରଟା ଘର ବାଲା ରଖିଥାଏ । ସେଇ ଘର ମାଲିକ ନାମ ନେତ୍ରାନନ୍ଦ ପଟ୍ଟନାୟକ ସେ ଦିବଂଗତ ତାଙ୍କ ସ୍ତ୍ରୀ ଆସନ୍ତି । ସେ ଉଠି ପାରନ୍ତିନି । ଗୋଟେ ଗୋଡ଼ ପାରାଲିସିସ୍ । ସେ ଘୁଷୁରି ଘୁଷୁରି ନିଜର ଭାର ବହନ କରି ଆସନ୍ତି ଗାଧୁଆ ଘର ଯାଏ । ବୁଢୀ ଲୋକ । ତାଙ୍କର ଝିଅ ଜ୍ୱାଇଁ ବାଙ୍କୀରେ ଥାନ୍ତି । କେବେକେବେ ଆସି ନେଇଯାନ୍ତି ତାଙ୍କୁ ବାଂକୀ । ସେଇ ଧାଡ଼ିର ଅନ୍ୟ ଘରଟି ମେଲା ଘର ମାନେ ଦାଣ୍ଡ ଘର । ସେଠି ସାଇକେଲ ରୁହେ । ପୁରୀର ଘର ଆଗରେ ବାରେଣ୍ଡାମାନ । ସେଇ ବାରଣ୍ଡାରେ ଶେଷ ଆଡ଼କୁ ପକାଇ ବସିବା ଜାଗା । ପୁରୀର ସବୁ ସାହିରେ ଉଚ୍ଚା ଉଚ୍ଚା ବାରଣ୍ଡା । ସେ ବାରଣ୍ଡା ଉଚ୍ଚା ନ ଥିଲା । ଷ୍ଟାଣ୍ଡାର୍ଡ଼ ବୋଧହୁଏ ବିବର୍ତ୍ତନ ସମୟର ।

ତଳପଟେ ଦୁଇଟା ଘର । ଭାଇ, ମୁଁ, ବାପା ବୋଉ ଉପରପଟ ଘରେ ଶୋଉ । ତଳ ପଟେ ଆମଘରେ ରହୁଥିବା ପିଅନ ଶୁଏ । ତା ନାମ ଅଗଣି । ମୁଁ ବୁଝି ପାରୁନି ବୋଉ କେମିତି ଏମିତି ବିଶ୍ୱାସ ସହ ପିଅନକୁ ରଖି ପାରିଲା । ବୋଉ ଟିକେ ବୋକୀ କେତେବେଳେ ଖୁବ୍ ରକ୍ଷଣଶୀଳ । ସେମିତି ମୁଁ ବି ବୋକୀ ପରି । ପ୍ରତ୍ୟୁତ୍ପନ୍ନ ମତି ନୁହେଁ । ବାପା ବି ହାଉଳିଆ, ସରଳୀ ହୁଏତଃ ଚାଲାକ ନୁହନ୍ତି । ଆଜିକାଲି ଯେମିତି ସବୁ କେସ ହେଉଛି, ଦୁଇ ବର୍ଷ ପିଲା ବି ଭିକଟିମ । ସେ ଯୁଗ ବୋଧହୁଏ ବିଶ୍ୱାସର ଥିବ । ଏତେ ପ୍ରଦୂଷଣ ନ ଥିବ । ତେଣୁ ମଣିଷର ଭାବନା ସେଇ ଆଡ଼କୁ ଯାଇ ନଥିବ । ଲୋକଟାର ସମ୍ବଳ ନଥିବ ଅନ୍ୟ କେଉଁଠି ରହିବା ପରି । ଗୋଲାମ ଜାତି ସେ । ସେ ଷ୍ଟୋର ଘରେ ଶୁଏ । ଆମ ଘରକୁ ଲାଗି ଡ଼ାକ୍ତର ମହାଦେବ ମିଶ୍ରଙ୍କ ଘର । ଚକ୍ଷୁ ଚିକିତ୍ସକ । ତାଙ୍କ ସ୍ତ୍ରୀ ସେ ପିଲା ନାହିଁ । ଖୁକ ଭାଇନା ବୋଲି ଜଣେ ବ୍ରାହ୍ମଣ ରୋଷେଇଆ ଥାଏ । ସେ ବାଙ୍ଗରା ଲୋକଟିଏ । ଫୁଙ୍ଗୁଳା ଦେହ । କାନ୍ଧରେ ଦେହରେ ବାଳ । ସବୁ କାମ କରେ । ସେଇ ଡ଼ାକ୍ତର ଜେଜେଙ୍କ ପାଦ ଫୁଲା । ଫାଇଲେରିଆ । ସେ ସବୁବେଳେ ଗୋଲାପି କ୍ରେପ ବ୍ୟାଣ୍ଡେଜ ପିନ୍ଧନ୍ତି ବ୍ୟାଣ୍ଡେଜ ପିନ୍ଧନ୍ତି ପାଦରେ ରାତିରେ କ୍ଲିନିକରୁ ଫେରି । ମା ଯିଏ ବେଶ ଗୋରା ଡ଼େଙ୍ଗା ଉଦାତ ଏକ ବ୍ୟକ୍ତିତ୍ୱ । ଖୁବ ବ୍ୟକ୍ତିତ୍ୱ ଭରା ତାଙ୍କ ଚାଲି । ବହୁତ ଖାନଦାନୀ ଘର । ସମସୁରପୁର ଶାସନ ସାକ୍ଷୀଗୋପାଳରେ ତାଙ୍କ ଘର । ନା ବନପୁର ବୋଲି ଗାଁ । ତାଙ୍କ ଘର ବେଶ ସୁସଜ୍ଜିତ, ପରିଷ୍କାର । ବାମ ପଟେ ଗୋଟାଏ ପିଢ ପରି ପାଚେରୀ ଲାଗିଛି ତାକୁ । ସେଠି ପସାରୁଣୀ ଲଟା ମାଡ଼ିଥାଏ । ତାକୁ ଖାନ୍ତି ମା କି ଜେଜେ । ଡ଼ାହାଣ ପଟେ ଛୋଟ ଘରଟେ । ଆମ ଘରକୁ ଲାଗି ପାଚେରୀ ଭିତରେ ଗୋଟାଏ ଦରଜୀ ଅଛି । ଦୁଇ ଘର ଯିବା ଆସିବା କରିପାରିବେ । ସେ ସମୟରେ କେତେ ସୌହାର୍ଦ୍ଦ ଥିଲା । ମଣିଷ ଏବେ କରିବ କି  ତରକାରୀ ଦିଆ ନିଆ । ଯିବା ଆସିବା ସବୁ । ମଣିଷର ମଣିଷ ପ୍ରତି ଭଲ ପାଇବା ଏତେ ବେଶୀ ନ ହେଉ ସମ୍ପର୍କ ରଖିବାର କଥା ତ ଭାବୁଥିଲା ବୋଲି ଏ ସବୁ ।

**ଭାଗ-୫**

ଜୀବନର ଘଟଣା ଏବେ ସବୁ ବିକ୍ଷିପ୍ତ ହୋଇ ମନେ ପଡ଼େ । ତେଣୁ ଚତୁର୍ଥ ଶ୍ରେଣୀ ଆଉ ପଞ୍ଚମର ସୀମା ରେଖା ମିଶିଯିବ । ପୁଣି ଯେତିକି ମନେ ଅଛି । ତୃତୀୟ ଶ୍ରେଣୀ ଯାଏ କିଛି ମନେ ନାହିଁ । ଗାଁ ଗଣ୍ଡା କେଉଁ ସ୍କୁଲ କି, ଲୋକ ଗାଁର କିଏ ଘରର କିଛି ମନେ ନାହିଁ । ଖାଲି ଏତିକି ମୋତେ ଦୁଇ ମାସ ଟାଇଫଏଡ୍ ହୋଇଥିଲା । ମୁଣ୍ଡ ନାଣ୍ଡୁ ଥିଲି । କଟକ ଷ୍ଟେସନରେ ତାଳଚେର ଗାଡ଼ିରେ ବସି ପୁରୀ ଯାଇଛି । ଚାଲି ପାରୁନଥାଏ । ମୋ ହାତରେ ଲଣ୍ଠନଟାଏ ଥାଏ । ତାକୁ ବି ମୁଁ ବୁହାଇ ପାରୁନଥାଏ । ବାପା ଗଲା ବେଳେ ସବୁ ଷ୍ଟେସନର ନାଁ କହି କହିଯାନ୍ତି । ତାକୁ ମୁଁ ମୁଖସ୍ଥ କରିଥାଏ । ଯେମିତି ଡ଼େଲାଙ୍ଗ, ସାକ୍ଷୀଗୋପାଳ, ମାଳତୀପାଟପୁର ଇତ୍ୟାଦି । ମୁଁ ଜାଣିଥାଏ ମୁଁ କଟକ ଜିଲ୍ଲା ଲୋକ । ପୁରୀ ବାଲାଙ୍କ ସହ କଟକର ବଡ଼େଇ ଚାଲେ କେବେକେବେ ମୁଁ ଶୁଣେ ଅନ୍ୟଠୁଁ । ମୁଁ ବି ଉଲ୍ଲସିତ ହୋଇ ଶୁଣେ । ଦେଖେ ଯୁକ୍ତିରେ କିଏ ପାରୁଛି । ପୁରୀରେ ଚାଉଳିଆ ହେଲା ପିଜୁଳି । ଗାଳିଦେଲେ କହିବେ ବାଡ଼ିପଡ଼ା । ଆମର ଗାଁରେ ବାଡ଼ିପଶା । ବେଗିବେଗି ଚାଲ କହିବେ ପୁରୀରେ । ଏମିତି କେତେଟା ଚାଲେ ।

**ଭାଗ-୬**

କହୁଥିଲି ଆମ ବସାଘରର ବର୍ଣ୍ଣନା ସେହି ଘର ଅଗଣା ବିଶାଳ । ତାର ଡ଼ାହାଣ ପଟରେ ଥିବା ମାଟି ଜାଗାରେ ସୁଗନ୍ଧରାଜ ଗଛ । ଫୁଲ ଫୁଟେ । ମୁଁ ପିଲାଦିନୁ ସେହି ଧଳା ଫୁଲ ସହ ଅନ୍ତରଙ୍ଗ ଭାବେ ପରିଚିତ । ରାତିରେ ସୁବାସ ଦିଏ । ଟଗର ଗଛ ବି ଥାଏ । ବେଶ ବଡ଼ ।

ସେ ବି ଟିକିଏ ମୋଟ । ଉଠିଯାଇ ଦୁଇ କେନା ହୋଇଥାଏ । ସଦା ଫୁଲରେ ମଣ୍ଡିତ ଥାଏ । ମାଉସୀ ମା' ମନ୍ଦିରର ପୂଜକଙ୍କ ଝିଅ ମୀନା ଅପା ସବୁଦିନ ସକାଳେ ଆସି ସେହି ଟଗର ଗଛର ମୂଳ କେନା ଉପରେ ଚଢି ଫୁଲ ତୋଳନ୍ତି । ସେ ମୋଠୁ ଦୁଇ ବର୍ଷ ସିନିୟର । ଭାଇ ବ୍ୟାଚର କି ଭାଇଠୁ ଗୋଟେ ବର୍ଷ ସିନିଅର । ବ୍ରାହ୍ମଣ କନ୍ୟା । ଗୋରା ତକତକ । ସିଧା ନାକାଲମ୍ବା ଶରୀର । ଫ୍ରକ ପିନ୍ଧି ଆସନ୍ତି । ସପ୍ତମ ଶ୍ରେଣୀ ହୋଇଥିବ ତାଙ୍କର । କେଉଁଠି ପଢୁଥିଲେ ପୁରୀ ଗାର୍ଲସ ସ୍କୁଲ କି ଜିଲ୍ଲା ସ୍କୁଲରେ । ମୁଁ ତାଙ୍କ ଘରକୁ ଯାଏ । ମାଉସୀମା ଲେନ ଯେଉଁଠି ଆରମ୍ଭ, ଗଳିକୁ ପଶିଲା ବେଳକୁ ବାଁ ହାତି ପଡ଼ିବ । ଚାଳ ଘର । ବିଶାଳ ଅଗଣା । ଅତିକ୍ରମ କଲେ ତାଙ୍କ ଘର । ଉଚ୍ଚ ବାରଣ୍ଡା । ମନ୍ଦିର ବି ତାଙ୍କ ଘର ସାମ୍ନାରେ । ମୁଁ ସ୍କୁଲରୁ ଫେରିବାବେଳେ ସବୁଦିନ ତାଙ୍କ ଘରକୁ ଚାହେଁ । ବାହାରେ ପାଚେରି ଆଉ କାଠର କବାଟ ଦିଆ ହୋଇ ବନ୍ଦ ଥାଏ । ଚାହିଁ ଚାଲିଯାଏ । ମାଉସୀମା ମନ୍ଦିରକୁ ଲାଗି ବିଶାଳ ତତ୍ତ୍ୱର ଗଳି ଯେଉଁଠୁ ଆରମ୍ଭ । ସେଠି ସାହି ଲୋକ ବସନ୍ତି । ଖୁଙ୍କା ଭାଇନା ମହାଦେବ ମିଶ୍ରଙ୍କ ରୋଷେଇଆ ପ୍ରାୟ ଅପରାହ୍ନ ସମୟରେ ସେଠି ବସିବା ଦେଖିଛି । ଏତେ ଲୋକ ସେ ସମୟରେ ନଥାନ୍ତି । ଯେମିତି ଗୋଟେ ଗାଁ ପରି । ପୁରା ଗାଁ କୁହାଗଲେ ଅତ୍ୟୁକ୍ତି ହେବନି । ମାଉସୀମା ମନ୍ଦିର ମୁହଁଟି ରାସ୍ତାର ବିପରୀତ ପଟରେ । ଦକ୍ଷିଣ ଦିଗକୁ । ଟିକେ ଛାଡ଼ି ସୁରଜମଲ ସାହାଙ୍କ ଘର । ବିରାଟ କ୍ୟାମ୍ପସ । ବୋଧହୁଏ ବେପାରୀ ହେବେ । ପିଲା ମୁଣ୍ଡରେ ମୋର ଏତେ ଭାବନା ନଥାଏ । କିନ୍ତୁ ଥାଏ ଦୁଷ୍ଟ କି ବାଲ୍ୟ ଅଜଣା ଚପଳତା ? ଚପଳତା କୁହାଯିବ । କାହିଁକି ନା ବୁଦ୍ଧି ତ ହୋଇନି । ସେହି ବୁଦ୍ଧି ଦିନେ ଲଗେଇଲି । ଲୋକଙ୍କଠୁ ଶୁଣିଲି ବାହାରୁ ଆସୁଥିବା ଯାତ୍ରୀଙ୍କୁ କେମିତି ମିଛ ସତ ଠାକୁରଙ୍କ ବିଷୟରେ କହି ପଇସା ନେଉଛନ୍ତି ପଣ୍ଡା । ସତ କି ? ତା ହେଲେ ମୁଁ ବି ଯାତ୍ରୀଙ୍କଠୁ ପଇସା ଆଦାୟ କରି ପାରିବି । ଏଇ ମନ୍ଦିରରେ ବସି ଯଦି କହିବି ଏଠି ପଇସା ପକାଅ ତା' ହେଲେ ଦେଖିବି ପଇସା ମିଳୁଛି କି ନାହିଁ । ଦିନେ ଠାକୁରଙ୍କ ଆଗରେ ନନା ଯେମିତି ବସନ୍ତି ଗମ୍ଭିରି ଘରେ ବସିଲି । ପାଦୁକ ଦେଲି । କଣ ସବୁ ବୁଝେଇଲି ମାଉସୀମାଙ୍କ ବିଷୟରେ । ଜଗନ୍ନାଥଙ୍କ କଥା ଯାହା ଶୁଣିଥିଲି କହିଲି ମନେ ନାହିଁ । ଦେଖିଲି ଏକ ପଇସା, ଦୁଇ ପଇସା, ତିନି ପଇସା ସବୁ ପକାଉଛନ୍ତି । ଏକୋଇଶ ବାଇଶ ପଇସା ପାଇଗଲି । ଏମିତି ଥରେ ଦୁଇଥର ଯାଇ ଯାତ୍ରୀଙ୍କୁ ଝାଡ଼ିଛି । ଏ କଥା କିଏ ଜାଣିବା ଯଦି କିଏ ବି ଦେଖି ମୋ ବୋଉ କାନ କରିଥାନ୍ତା, ମୋ ପିଠିରେ ଧମାଧମ କେତେ ଯେ ପୋଖରୀ ଖୋଳା ହୋଇଥାନ୍ତା ମୁଁ ଏବେ ଭାବି ପାରୁନି । ବୋଉର ବଡ଼ ମର୍ଯ୍ୟାଦାବୋଧ । ସେ ସହି ପାରିବିନି । କିନ୍ତୁ ପିଲାମାନେ ସେତେବେଳେ ତ ଦାଣ୍ଡରେ ଖେଳନ୍ତି । ଚାରିଟାବେଳେ ସ୍କୁଲରୁ ଫେରିଲେ ଘରେ କେହି ମନା କରନ୍ତିନି ଖେଳିବାକୁ । ଘର ଆଉ ମାଉସୀମା ମନ୍ଦିର ଭିତରେ କେବଳ ଲମ୍ବା ରାସ୍ତାଟେ । ଖେଳୁ ଖେଳୁ ବଲ ଆସି ନାଳରେ ପଡ଼େ । ସେହି ନାଳ ମନ୍ଦିର ଆଉ ଚଉତରା କଡ଼ରେ ଯାଇ ମୁଖ୍ୟ ଡ୍ରେନରେ ପଡ଼ିଛି । ବଲ ବି ମୁଖ୍ୟ ଡ୍ରେନକୁ ଚାଲିଯାଏ । ତେଣୁ ମନ୍ଦିର ଯାଏ ଯାଇ ଖେଳିବା ସାଧାରଣ କଥା । କିଏ କାହିଁକି ଭାବିବ ମୋ ଦୁଷ୍ଟାମି କଥା । ବାପା ବି ରାଗି । ଜାଣିଲେ ପିଟିପିଟି ମାଉସୀମା ମନ୍ଦିରର ଗର୍ଭ ଗୃହରୁ ଟାଣି ସାରା ଲେନ ଅତିକ୍ରମ କରି ଘରେ କଚି ଦେଇଥାନ୍ତେ । ମୋର କାହିଁକି ଏତେ କୌତୁକ ଗୋଟାଏ ଜିନିଷ ପ୍ରତି । ହେବକି ନାହିଁ ପରୀକ୍ଷା କରିବା । ସେ ପୁଣି ଏ ଦୁଷ୍ଟ ଗୁଣଟି । ଦୁଇଥର ଏମିତି ହୋଇଛି । ପୁଣି ସେଠୁ ବାହାରି ଦୌଡ଼ି ଦୌଡ଼ି ଘର ଯାଏ ଆସି ବାପା ପଚେଇବା ଆଗରୁ ଗୋଡ଼ ହାତ ଧୋଇ, ପରିଷ୍କାର ଜାମା

ପିନ୍ଧି ବେଗ ବସ୍ତାନୀ ଧରି ସପ ପାରି ବସି ପଡ଼ିବା । ପୁରା ଦୁଇ ଘଣ୍ଟା ବାପା ପଢେଇବେ । ମୁଁ କି ସେତେବେଳେ ଜାଣିଥିଲି ବାପା ବାଲିକୁଦା ହାଇସ୍କୁଲରେ ଶିକ୍ଷକ ଥିଲେ । ପୁଣି ନାଉଗାଁ ମି.ଇ. ସ୍କୁଲରେ ହେଡ଼ମାଷ୍ଟର ଥିଲେ । ନ'ଟା ବାଜିଲେ ଛାଡ଼ିବେ । ତା'ପରେ ଖାଇ କି ଶୋଇବ ।

**ଭାଗ-୭**

ଆମ ବସାଘର ଆଗରେ ଚାଲିଯାଇଛି ମାଉସୀମା ଲେନ । ରାସ୍ତାଟା ବଡ଼ ଉଚ୍ଚା । ମାନେ ମାଉସୀ-ମା ମନ୍ଦିର ପାଖରୁ ରାସ୍ତାଟା ଆସ୍ତେ ଆସ୍ତେ ଉପରକୁ ଉଚ୍ଚା । ବଲ ଆମ ଘର ସାମ୍ନାରେ ଜୋରରେ ମାରିଲେ ସିଧା ଗଡ଼ିଗଡ଼ି ଆସି ମନ୍ଦିର କଡ଼କୁ ଘଷି ଯାଇଥିବା ଡ୍ରେନରେ ପଡ଼ିବ । ନାଚୁରାଲ । ସେହି ଦାଣ୍ଡରେ ଆମ ସାମ୍ନା ଘରେ ଭଡ଼ା ଥିବା ଲୋକଙ୍କର ନାମ ରାମବାବୁ କି କଣ, ଏଗ୍ରିକଲଚର ଅଫିସର ଥିଲେ କି କଣ, ତାଙ୍କର ଦୁଇଟି ଛୋଟ ଛୋଟ ପୁଅ । ମୋଠୁ ଜୁନିଅର । ସାହିର ଶେଷ ଘର ସତ୍ୟବାଦୀ ବାବୁଙ୍କର । ନିଜ ଘର । ତାଙ୍କ ଝିଅ ମନୋରମା । ସେ ମୋ ସାଙ୍ଗରେ ପଢୁଥିଲା ବୋଧହୁଏ । ସ୍ମରଣ କେତେ କମ ମୋର । ତାର ଭାଇ ଟୁନି ଭାଇନା ଭାଇର ସାଙ୍ଗ । ତାଙ୍କ ବଡ଼ ଭାଇ ହୁରୁଷି ଭାଇନା ସମସ୍ତେ ଜିଲ୍ଲା ସ୍କୁଲ ସ୍କୁଲ ଛାତ୍ର । ଟୁନି ଭାଇନା ଭାଇ ବହୁତ ସାଙ୍ଗ । ସେହି ସାହିର ଶେଷ ମୁଣ୍ଡ ଦୁଇଖଣ୍ଡିତ ହୋଇଛି ରାସ୍ତା । ଗୋଟାଏ ଗଳି ନୂଆସାହି, ଦତତୋଟା ଆଡ଼େ ଯାଇଛି । ଆଉ ଗୋଟିଏ ରାସ୍ତା ଶେଷ । କିନ୍ତୁ ତା'ଭିତରେ ସରୁ ଗଳି । ସ୍କୁଲ ସଟକଟ କରିହେବ । ମୁଁ ଯେ କେଉଁ ଗଳିରେ ପଶି କୁଆଡ଼େ ଚଞ୍ଚଳ ହୋଇ ବୁଲୁଥିଲି । ଏକା ଏକା ପୁଣି । ସବୁ-ଆଡୁ ପିଲା ଜମା ହୁଅନ୍ତି ସେହି ସାହିର ଶେଷ ମୁଣ୍ଡରେ । ନଟୁ ଖେଳ, ଖପରା ପକେଇ ଯେଉଁ ଖେଳ, ବଲ ଖେଳ, ଲୁଚକାଳି ଇତ୍ୟାଦି । କିନ୍ତୁ ମୋର ସାଇକେଲ୍ ନିଶା ଯେ ନିବିଡ଼ । ଖେଳିବି କେତେବେଳେ । ତେବେ ଦୁଇ ଚାରିଟା ଦୁଷ୍ଟାମିର କଥା ରହିଛି । ନଟୁ କିଣା । ତାକୁ ଦୌଡ଼ିରେ ଗୁଡ଼େଇ ଗୋଟାଏ ବୃତ କାଟି ତା' ଭିତରେ ଆଉ ଜଣଙ୍କ ନଟୁକୁ ଲକ୍ଷ୍ୟକରି ମାରିବାକୁ ହେବ । ସେ ଦୁଇଫାଳ ବି ହୋଇଯାଇ ପାରେ । ପୁଣି ସେଇ ବୃତକୁ ଲକ୍ଷ୍ୟ କରି ନିଜ ନଟୁ ଘୁରେଇବାକୁ ପଡ଼ିବ । ଘୁରୁ ଘୁରୁ ଦୌଡ଼ିରେ କିଏ ଉଠେଇ, ତା' ବି କୌଶଳ ଶିଖିବାକୁ କିଏ ଉଠେଇ ପାରିବ, ତା ବି କୌଶଳ ଶିଖିବାକୁ ପଡ଼ିବ । ବାରମ୍ବାର ଅଭ୍ୟାସ କରିବାକୁ ହେବ । ସେମିତି ମୁଁ କଲି । ମୋର ହୋଇଯାଏ । ନଟୁକୁ ଦୌଡ଼ିରେ ଟେକି ଆଣି ପାପୁଲିରେ ବୁଲାଏ । ସତ୍ୟବାଦୀ ବାବୁଙ୍କ ବାରଣ୍ଡାରେ ତାସ ଖେଳନ୍ତି ବଡ଼ ବଡ଼ ଲୋକ । ମୁଁ ଦେଖେ । ତା' ଭିତରେ ଗୋଟେ ଷୋଳ ବର୍ଷ କି କେତେ ହେବ, ସେ ଥାଏ । ମୁଁ ସେଠି ବସି ଦେଖିଲା ବେଳେ ସେ କଣ କରିଥିଲା ଠିକ ମନେ ନାହିଁ, ତେବେ ଯୌନ ଆକର୍ଷଣ କୁହାଯିବ, ଆଜି ଯଦି ଭାବିବି । ଆଜିକାଲି ପରି ତ ଘରେ ଆଖି ଆଗରେ ଛୁଆ ରହୁ ନଥିଲେ । ତେଣୁ ଏ ସବୁ ସହଜରେ ଘଟିପାରେ । ଯିଏ ସେଇ ଲାଇନର, ସେ ତ ନିଶ୍ଚୟ କରିବ । ସ୍ୱାଭାବିକ । ଲୋକର ନାମ ଏବେବି ମୋର ମନେ ଅଛି । କିନ୍ତୁ ପ୍ରାଇଭେସି ଦୃଷ୍ଟିରୁ ଲେଖୁନି । ସେ ଏକା ନୁହେଁ । ଗୋଟେ ବୁଢାଟାଏ ଚଇତି ଘୋଡ଼ା ନଚାଏ, ସେ ବି । ନାଚୁ ନାଚୁ ମୋ ଦେହରେ ବାଡ଼େଇ ଦେଇଯାଏ ତାର ଆଗ ଶରୀରକୁ । ଆହୁରି କଣ ସେ ବିକିବାକୁ ଆସେ । ବିକୁ ବିକୁ ତା' ଆଗରେ ଠିଆ ହୋଇ କିଣିଲାବେଳେ ସେ ଦେହରେ ହାତ ମାରେ । ପୁଣି ଆମ ଘର ଭିତରକୁ ଆସି ପସରା ମେଲେଇ ଦେଖେଇଲା ବେଳେ । ସେ ଯାହା କହିଛି ତା ଛପାର ଅଯୋଗ୍ୟ । ଏମିତି ବାହାର ଲୋକ ଛୋଟ ଛୋଟ ପିଲାଙ୍କୁ ବି ଆଟାକ କରନ୍ତି ତା ମୁଁ

ଜାଣେ । ଏମିତି ଅସଂଖ୍ୟ ମୁଁ ହାବୁଡ଼ିଛି ବାଲ୍ୟ କାଳେ । ପ୍ରାୟ ଏଗାର ବର୍ଷ ଯାଏ । ତା'ପରେ ମୋ ନିଜର ବୁଦ୍ଧି ହୋଇ ଆସିଥିଲା । ମୁଁ ଘର ଛାଡ଼ି, ପାଠ ଛାଡ଼ି ବେଶୀ ବୁଲେନି ଗାଁ ଦାଣ୍ଡରେ । ଏକା ଏକା ଥାଏ, ଭକ୍ତକବିଙ୍କ ଗ୍ରନ୍ଥାବଳିକୁ ନେଇ । ବାରମ୍ବାର ପଢି । ସେଇ ସବୁ ଲୋକ ଗୋଟେ ଭୟ ହୋଇ ମୋ ଭିତରେ ରୁହନ୍ତି ।

ସେ ଘରର ପଛ ପଟେ ଗୋଟେ ସରୁ ଗଳି । ପାଇଖାନା ସଫା କରିବାକୁ । ଉଠା ପାଇଖାନା । ସେଇ ଗଳିଆଡୁ କେବେ କେମିତି ଇଟା ବଡ଼ ବଡ଼ ପଡ଼େ । ଆମ ସାହିରେ । କାହା ମୁଣ୍ଡରେ ପଡ଼ିନି । ଭାବେ ପୁରୀରୁ ଚାଲିଗଲେ ଭଲ । ଭୂତ ତ ରାତି ନ କି ଦଶ ଭିତରେ ଆସିବନି । ତେବେ କଣ ପାଇଁ । ତା ରହସ୍ୟମୟ ମୋ ପାଇଁ । ଜାଣି ପାରିନି ମୁଁ । ଏଇ ପ୍ରସଙ୍ଗ ପରବର୍ତ୍ତୀ ଭାଗରେ ଆସିବ । ଆଗୁଆ ହୋଇ ଯାଉଛି ।

**ଭାଗ - ୮**

ଡ଼ାକ୍ତର ଜେଜେ ମହାଦେବ ମିଶ୍ରଙ୍କର ପିଲା ନ ଥିଲେ । ପୁଅ କରିଥିଲେ ଜଟି ମାମୁଁଙ୍କୁ ଆଉ ଝିଅ କୁନି ମାଉସୀ । ସେମାନେ ମା'ଙ୍କ ଭାଇଙ୍କ ପୁଅ, ଝିଅ । ଜଟି ମାମୁଁ ଲେବର ଅଫିସର, ତାଙ୍କର ସାନ ଭାଇ ପୂର୍ଣ୍ଣ ମାମୁଁ । ସେ ମିଲିଟାରୀରେ ଥା'ନ୍ତି । କୁନି ମାଉସୀଙ୍କ ପୁଅ ବୁଲୁ ଭାଇନା । ଭାଇଠୁ ବର୍ଷେ କି ଦୁଇ ବର୍ଷ ସିନିୟର ? ସେ ତାଙ୍କ ମାମୁଁ ଘରେ ବି ଥାନ୍ତି । କେଉଁଠି ପଢୁଥିଲେ ମନେ ନାହିଁ । ତାଙ୍କ ଭଉଣୀ ମାମି ବୋଲି । ମୋ ଠୁଁ ଜୁନିଅର । ମୋଟି । ସେମାନେ ସବୁ ନନ୍ଦିନୀ ଶତପଥି, ଚନ୍ଦ୍ରିକା ମହାପାତ୍ର ପରିବାର ସଂଗେ ବନ୍ଧୁ ବାନ୍ଧବ । ସେମାନେ ସେଠିକି ଯା'ନ୍ତି । ଗୋଟେ ଝିଅ ତାଙ୍କର ନୂଆ ବୋହୂ ହୋଇ ଆସିଥିଲା ଦେଖିଲି ଖୁଣ୍ଟି କି ମାଡ଼ି ବସି ଧରିଥାଏ ଆଉ ଶାଶୁ ଘର ଯିବନି କହି । ତା ବର ଆଇ.ପି.ଏସ୍. ଅଫିସର । ସେମାନେ ଆସନ୍ତି । ମୁଁ, ମାମି, ବୁଲୁ ଭାଇନା, ଭାଇ ସବୁବେଳେ ଲୁଡ୍ଡ଼, ବିଜିନେସ୍, କ୍ୟାରମ୍ ଏସବୁ ବସି ଖେଳୁ । ଗୋଟାଏ ଛୋଟ ଘର ଥାଏ, ଅନ୍ଧାର କରି ଗୋଟେ ସିନେମା ହେବାକୁ ଆଲୁଅ ଛାଇରେ ଇମେଜ ତିଆରି କରି ସିନେମା କରୁ । ସେଥିପାଇଁ ଗୋଟେ ବିଷୟ ଥାଏ । କାର୍ଡ଼ବୋର୍ଡ଼ କଟା ହୋଇ ଗୋଟାଏ ଆକାର ହୋଇଥାଏ ମଣିଷର । ଏଥିରେ ବୁଲୁ ଭାଇନା ଦିନ ରାତି ଲାଗିଥାନ୍ତି । ଭାଇ ବି ସାହାଯ୍ୟ କରେ । ଟୁନି ଭାଇନା, ଭାଇ, ବୁଲୁ ଭାଇନାଙ୍କୁ ମା' ପଇସା ଦିଅନ୍ତି । ସେମାନେ ସିନେମା ଯା'ନ୍ତି । ମୋତେ ଲୁଚିକି ଯାନ୍ତି । କେବେ ନିଅନ୍ତିନି । ଜଙ୍ଗଲୀ ଯାଇଥାନ୍ତି ଦେଖିବାକୁ ଦିନେ । ମୋର ପ୍ରାଣ ଛଟପଟ ହେଉଥାଏ । ସେମାନେ ଏତେ ବୁଲନ୍ତି ଜାଣିହୁଏନି କ'ଣ କୁଆଡ଼େ ଯା'ନ୍ତି । ମୋତେ କିଏ ନେବ । ମୁଁ ବୁଲେ ସାଇକେଲ୍ ଧରି ମାଉସୀ ମା' ଲେନଠୁ ବଳଗଣ୍ଡି, ସେଠୁ ହେରାଗୌରୀ ସାହି ଦେଇ ଆୟୁର୍ବେଦ ମେଡ଼ିକାଲ ଯାଏ । ସେଇ ଛକ ଉପରେ ମୋ ମାମୁଁ ଘର । ସେ ଖ୍ରୀଷ୍ଟିଆନ ହୋଇ ଯାଇଥାନ୍ତି । ବୋଉର ବଡ଼ବାପା ପୁଅ । ତେଣୁ ମାମୁ ଘରକୁ ଦେଖ ଦୂରରୁ । ଆୟୁର୍ବେଦ କଲେଜର ଲମ୍ବା କ୍ୟାମ୍ପସରେ ସାଇକେଲ ଚଲାଏ । ବେଳେବେଳେ ଗଲେ ମାମୁଁଙ୍କ ଝିଅ ଖୁକି ଅପା ରୁଟି କରୁଥାଏ, ମୋତେ ଗୋଟେ ଦିଏ । ସେ ବି ଆସି ଆମ ଘରେ ରୁହେ । ବୋଉର ବଡ଼-ଭାଇ-ମାନେ ତାର ଭୟକୁ ସମ୍ମାନ । ସେ ସମୟର ଭାଇ ଭଉଣୀ । ପୁରା ପ୍ରାଣର । ତାଙ୍କର ପାଞ୍ଚ ପୁଅ । ସମସ୍ତେ ପ୍ରତିଷ୍ଠିତ । ଜଣେ ବିଷପ ଥିଲେ ଓଡ଼ିଶାର । ମାମୁଁ ତ ଚର୍ଚ୍ଚରେ ପ୍ରିଷ୍ଟ୍ । ଭାରି ସ୍ନେହୀ ମଣିଷ । ଡ଼େଙ୍ଗା, ଗୋରା କି ସୁନ୍ଦର ଚେହେରା । ମାଇଁ ବନମାଳୀପୁର ଖ୍ରୀଷ୍ଟିଆନ । ତାଙ୍କ ରଙ୍ଗ କମ । ଖୁକି ଅପା ମାମୁଁଙ୍କ ପରି ବହୁତ ସୁନ୍ଦର । ସଂନ୍ଧ୍ୟା ଆଗରୁ ସାଇକେଲ୍ ଘୁରା ବନ୍ଦ କରି ଫେରିବାକୁ ହେବ । ଗୋଡ଼ ହାତ ଧୋଇ ପୁଣି ପାଠର ଆରମ୍ଭ । ବାପା ବସି ପଢାନ୍ତି । ପୁରା ଠିକ ସମୟରେ ।



ସଂଯୁକ୍ତା ମହାନ୍ତି ତାଙ୍କ ପରିବାର ସହିତ ଭାଇଙ୍କ ନିକଟରେ ତଳେ ବସିଛନ୍ତି ।

## ମୋ ଆତ୍ମଜୀବନୀ -୯

ସାଇକେଲ ପିଠିରେ ବସିବାର ସ୍ୱପ୍ନରେ ମୁଁ ମଗ୍ନ ପ୍ରଜାପତି। ହାଫ ପେଡ଼ଲ ମାରି ବୁଲୁ ବୁଲୁ ବଡ଼ ଦାଣ୍ଡ ଧୂଳିରେ ବଡ଼ ଅସ୍ୱସ୍ତିକର। ତେବେ ମନ ଯେ ଉଡ଼ନ୍ତା ପ୍ରଜାପତି। ସବୁବେଳେ ସ୍ୱପ୍ନ ଦେଖେ। ମନ ମାନେନା ଏ ହାଫ ପେଡ଼ଲ। ବଡ଼ ଦାଣ୍ଡର ଧୂଳି। ଗହଳ ବାଲି। ଚକା ପୋତି ହୋଇପଡୁଛି। ନଅ ବର୍ଷର ପିଲା ଦେହରେ କଣ ଏତେ ବଳ ଅଛି ଉଠେଇ ପେଡ଼ଲ ମାରିବ। ସେହି ଚେଷ୍ଟାରେ ମୁହଁ ତଳକୁ ହୋଇଯାଏ। ଆଉ ଆଗରେ ଆସି ହାବୁଡ଼ିଗଲା ଯାତ୍ରୀଟେ। ପଡ଼ିଲି ସାଇକେଲରୁ। ଆଗ ଚକ ବଙ୍କା। ହାଣ୍ଡେଲ ବଙ୍କା। ଜଣେ ଯାଉଥିଲେ। ବାବୁ...ବାବୁ ଟିକେ ଦୟାକର ଭଳି ଡ଼ାକ ମୋ ନିଜ କାନକୁ ଦୟନୀୟ ଶୁଭିଥିଲା ମୋତେ। ଲୋକଟି ଆସି ଦୁଇ ଗୋଡ଼ ଭିତରେ ସାଇକେଲ୍ ଚକ ରଖି ହାଣ୍ଡେଲ ସିଧା କରିଦେଲେ। ମୁଁ ଶିଖିଲି ସେଦିନ ହ୍ୟାଣ୍ଡେଲ କେମିତି ସିଧା ହୁଏ। ବାପା ମାରିବେ କାଳେ ସେହି ଚିନ୍ତାରେ ଡ଼ରି ସେଇ ଲୋକଟିକୁ ମୁଁ ଡ଼ାକିଲି। ଉଠ ପଡ଼ ଜୀବନର ଗତି। କେହି ଆସେ ଡ଼ାକ ଶୁଣି। ସାହାଯ୍ୟର ହାତ ବଢାଏ। କିଏ ସେ ? ମଣିଷ ନା ଦେବ ଦୂତ ? ସେଇ ଘଟଣା ମୁଁ କାହାକୁ କୁହେନି। ମୁଁ କଣ ଏକ ନିଶୂନ ବନରେ ଘୁରିବୁଲୁଥିବା ନିସଙ୍ଗ ସାଥି। ମୋର କାହାକୁ ଗପିବାକୁ ଇଚ୍ଛା ହୋଇନି। ବୋଉ କିଛି ଜୋର କରିନି। କହିନି ଝିଅଟା କାହିଁକି ବୁଲୁଛୁ। ବାପା ସବୁବେଳେ ଏକା ଲଢେଇରେ ବିଶ୍ୱାସ କରନ୍ତି। ଭଲ। ଖୁବ ଭଲ ବାପା ମା। ବୋଉର ମାନସିକ ଗଠନରେ ଝିଅ ପାଠ ପଢୁ ସେକଥା ବରାବର ଥାଏ। କେଉଁ ନିପଟ ମଫସଲ ନଦୀ ଘେରା ଗୋଟାଏ ଦ୍ୱୀପରେ ତାର ଜନ୍ମ। କାକଟପୁରଠୁ ପାଞ୍ଚ କିଲୋମିଟର ଦୂରତା। ତାଳଦା। ପ୍ରଚୁର ଜମିବାଡ଼ି ତାଙ୍କର। ଦେବୀ ନଦୀ ଗର୍ଭରେ ସତୁରି ଏକର ବାଲି ଚରି ଯାଇଛି। ବନ୍ୟା ବିଧୌତ ଅଂଚଳ। ଧାନ, ମୁଗ, ବିରି, ଆଖୁ ଏ ସବୁରେ ଭର୍ତ୍ତି। କିନ୍ତୁ ବନ୍ୟା ଯେ ଘର ବାରଣ୍ଡା ଯାଏ ପାଣି ଲାଗିବାର ମୁଁ ଦେଖିଛି। ବଢିରେ ବସି ଡ଼ଙ୍ଗାରେ ବୁଲିବାକୁ ଯାଇଛି। ସେମିତି ଗୋଟେ ଗାଁ। ଶଗଡ଼ ଚାଲେନି। ନିଶବ୍ଦ ଚାରି ଦିଗ। ସେଇ ଗାଁରେ ଉଚ୍ଚ ମନାର

ଝିଅଟିଏ। କେତେ ସଂଭ୍ରମତା ଦାଦି, ବଡ଼ବାପା, ବଡ଼ ଭାଇମାନଙ୍କୁ। ଖୁଡ଼ିଙ୍କୁ। ନିଜ ଭାଇ ନ ହେଲେ ବି କେତେ ଆତ୍ମିକ ଭାବ ସେ ଭଉଣୀର। କେତେ ସଂଭ୍ରମତା ସେହି ସବୁ ମଣିଷଙ୍କ ଆଗରେ ଠିଆ ହୋଇ କଥା କହିବା ବେଳେ। ଛୁଆଁ ଛୁତ ଭାବଟା ରହିଛି। କିନ୍ତୁ କେବେ ମନା କରିନି ସାଇକେଲ୍ ଚଳାକୁ ନେଇ। ନ ଖାଇଲେ ଖୁନ୍ଦା ଦେଇଛି। ହେଲେ କେବେ କହିନି ଝିଅ ପିଲା ଶିଖିବନି। ବଡ଼ ଭାଇ ବରଂ ପ୍ରତିକ୍ରିୟାଶୀଳ। ମୁଁ ମୋ ମନର ରାଜା। ପ୍ରେମ କଲା ପରି ଆକର୍ଷଣ ଅବା।

*କ୍ରମଶଃ.....*



କ୍ଷୁଦ୍ରଗଳ୍ପ

# ମୂର୍ତ୍ତି

ମହିଜା ଦଳ ବେହେରା

ଯୁବକଟି ପ୍ରତିଦିନ କେଉଁ ଆକର୍ଷଣରେ କେଜାଣି ସେଇ ନିର୍ଦ୍ଦିଷ୍ଟ ମଲ୍‌କୁ ଆସିଥାଏ ସଂନ୍ଧ୍ୟାରେ । କେତେ ବେଳେ କିଛି କିଣିଥାଏ, ସବୁଦିନ କେବଳ ବୁଲି ସେଇ ମୂର୍ତ୍ତିଟି ନିକଟରେ ଅଧଘଣ୍ଟେ, ପଇଁଚାଳିଶି ମିନିଟ୍ ଛିଡ଼ା ହୋଇ ଫେରିଯାଏ । ମନେ ହୁଏ ସତେ ଯେମିତି ଦୁଇଜଣଙ୍କ ମଧ୍ୟରେ କିଛି ଭାବର ଆଦାନ ପ୍ରଦାନ ହୋଇଯାଇଛି ।

ଝଡ଼ି ବର୍ଷା ଯାହାବି ହେଉ ଯୁବକଟି ବ୍ୟାଙ୍କ କାମ ସାରି ନିଶ୍ଚିତ ଆସେ ଓ ମଲ୍ ଭିତରେ କିଛି ବୁଲାବୁଲି କରି ସେଇ ମୂର୍ତ୍ତି ନିକଟରେ ସମର୍ପିତ ମୁଦ୍ରାରେ ଛିଡ଼ା ହୋଇରହେ । ସତେ ପରା ପରସ୍ପର ମଧ୍ୟରେ ଭାବ ବିନିମୟ ହୁଏ । ଦୁହେଁ ଖୁବ୍ ସନ୍ତୁଷ୍ଟ ମନେ ହୁଅନ୍ତି, ଭାବବିନିମୟର ଅନ୍ତଃ ଘଟେ । ଯୁବକଟି ନୀରବରେ ସନ୍ତୋଷ ମୁଦ୍ରାରେ ଚାଲିଯାଏ ।

ଦିନେ ହଠାତ୍ କିଶୋରୀ ଟିଏ ସ୍ମିତ ହାସ୍ୟ ମୁଖ ମଣ୍ଡଳରେ ଯୁବକଟି ଆଡ଼କୁ ଆସିଲା- ଆତ୍ମୀୟତାର ହସ ଟିଏ ହସି କହିଲା - "ଆଜ୍ଞା ଆପଣଙ୍କୁ ମୁଁ ଦେଖୁଛି ଏଇ ମଲ୍‌କୁ ଆସିଥାନ୍ତି ଓ ଏଇ ମୂର୍ତ୍ତିଟି ପାଖେ ଛିଡ଼ା ହୋଇଥାନ୍ତି ପରେ ପରେ ଚାଲି ଯାଆନ୍ତି । ମତେ ଲାଗେ ଆପଣ କଣ କିଛି ଜାଣିବାକୁ ଚାହାନ୍ତି କି ଏ ମୂର୍ତ୍ତି ବିଷୟରେ ? ଆସନ୍ତୁ କାଲି ଏଇ ସାମନାରେ ଥିବା ପାର୍କକୁ କାଲି ଏଇ ସଞ୍ଜ ସମୟରେ, ମୁଁ କହିବି ଆପଣଙ୍କୁ ।"



ପୁଣି ଟିକେ ଆତ୍ମୀୟତାର ସହ ଧୀରେ ହସି ଗହଳିରେ ମିଶିଗଲା । ଯୁବକଟି ସ୍ୱାଭାବିକ ଭାବେ ଘରକୁ ଫେରି ଆସିଲ ।

ତମାମ୍ ରାତି ତାକୁ ନିଦ ନାହିଁ ମନରେ ଅନେକ ଜିଜ୍ଞାସା କିନ୍ତୁ ତାର ଉତ୍ତର କିଛି ବି ପାଉନି ।

ମନେ ମନେ ଯୁବକଟି ସ୍ଥିର କରି ନେଲା- ଯାହା ବି ହେଉ ଆଜି ରାତି ପାହିଲା ପରେ ସେ ନିଶ୍ଚୟ ଏ କଥାର ସତ୍ୟାସତ୍ୟ ଜାଣିବାର ବ୍ୟବସ୍ଥା କରିବ ଅଫିସ ଯିବା ଯାଏ ଅନ୍ୟ ମନସ୍କ ରହିଲା କଣ ସେ କିଶୋରୀଟି କହିବ । ଅଳ୍ପ ବୟସ, ସରଳ ଝିଅଟି ଏତେ କଥା ଷ୍ଟଡ଼ି କଲା କେମିତି ।

ବ୍ୟାଙ୍କ କାମ ସାରି ସିଧା ସିଧା ପାର୍କ ଆଡ଼କୁ ସେ ଚାଲିଲା । ପାର୍କର ଗୋଟିଏ କଡ଼ ସାଇଡ଼ ବେଞ୍ଚ ଛାଇ ଛାଇଆ ଆଲୁଅରେ ଫୋନ୍ ଟି ଦେଖୁଥାଏ ।



ହଠାତ୍ କିଶୋରୀଟି ଦୁଇ ହାତରେ ଦୁଇଟି ଆଇସ୍କ୍ରିମ୍ ଧରି ଅଳ୍ପ ଅଳ୍ପ ହସି କହିଲା, ଆସିଯାଇଛନ୍ତି ନା, ଏ ଜିନିଷଟା ଖାଇବାକୁ ଖୁବ୍ ଭଲପାନ୍ତିନା, ନିଅନ୍ତୁ ଖାଆନ୍ତୁ ବହୁତ କଅଁଳ କଣ୍ଠରେ କହିଲା ।

ଯୁବକଟି ଥ୍ୟାଙ୍କ୍ୟୁ, ଥ୍ୟାଙ୍କ୍ୟୁ କହି ଆଇସ୍କ୍ରୀମ୍‌ଟି ନେଲା ଓ ଖାଇବା ଭିତରେ କଥା ଆରମ୍ଭ ହେଲା ।

କିଶୋରୀ ଟି କହିଲା "ଆପଣ ବିଶ୍ୱାସ କରିବେ କି ନାହିଁ ମୁଁ ଜାଣେନା । ଅନୁଶ୍ରୋତା ସୁନ୍ଦର ସରଳ ଝିଅଟିଏ । ନିରୀହ ସୁଢଳ ସୁନ୍ଦରୀ ଝିଅ ଟିକୁ ବାପ ମା' ହୃଦୟର ହାର କରିଥାନ୍ତି । ତାର ବଡ଼ଭାଇ ଟିଏ ଥାଏ ତା'ଠାରୁ ଆଠ ବର୍ଷ ବଡ଼ । ତା ନାମ ଥିଲା ରାହୁଲ ଅତି ମାତ୍ରାରେ ସେ ଉଗ୍ର ଅହଂକାରୀ ଓ ବିଶୃଙ୍ଖଳିତ ଥିଲା । ଯା ତା' ମନକୁ ଆସେ ସେ ଡ଼ିସିସନ ନିଏ । ତାକୁ ପ୍ରଶ୍ନ କରିବାକୁ କେହି ନଥାଏ ।

ବଡ଼ଲୋକ ଘର ତେଣୁ ଘରେ ପ୍ରାୟ କୋଡ଼ିଏ ଜଣ ସାହାଯ୍ୟକାରୀ ଥାନ୍ତି । ଜଣେ ଥାଏ ତା' ନାମ ଚରଣ - ସେ ଟିକେ ସିନେମା ହିରୋ ପରି ଷ୍ଟାଇଲ ମାରେ କେତେବେଳେ ଚମ୍ପାର ବୁକେ ଅନୁଶ୍ରୋତା ଘରେ ରଖି ଦେଇଯାଏ ତ କେତେବେଳେ ସତେ ହିରୋ ପରି କଥା କହେ ।

ଅନ୍ୟ କର୍ମଚାରୀଙ୍କ ସମ୍ମୁଖରେ ସେ ମାଲିକ ଝିଅର ପ୍ରେମିକ ଅଭିନୟ କରେ । ଅବଶ୍ୟ ଅନୁଶ୍ରୋତାକୁ ସେ ପରି ଅରୁଚିକର ବ୍ୟବହାର ଭଲ ଲାଗେନା ସେ କିନ୍ତୁ କଥାକୁ ଏତେ ଗୁରୁତ୍ୱ ଦେଇ ନଥାଏ ।

ମାଲିକ ପୁଅ ରାହୁଲ ଉତ୍କ୍ଷିପ୍ତ ହୋଇ ଭାବିଲା ଏକୁ ଏମିତି ପାନେ ଦେବି ସାରା ଜୀବନ କାନ୍ଦୁଥିବ ।

ଦିନେ ପୂର୍ଣ୍ଣିମା ରାତି ଆକାଶରେ ବର୍ତ୍ତୁଳାକାର ଚନ୍ଦ୍ରମା । ଅସଂଖ୍ୟ ତାରକା ବିଛାଡ଼ି ପଡ଼ିଥାନ୍ତି । ବାଉଳା ବାଦଲ ମାତାଲ ପରି

ଚନ୍ଦ୍ରମା ସଙ୍ଗେ ଖେଳୁଥାଏ । ଆକାଶରେ ଅପୂର୍ବ ସୌନ୍ଦର୍ଯ୍ୟ । ଧରାତଳେ ମିଶ୍ରିତ ପୁଷ୍ପମାନଙ୍କର ମଧୁର ମହକ ଏକ ନୈସ୍ୱର୍ଗୀକ ଶୋଭାରେ ଧରଣୀ ଲୋଟି ପଡୁଥାଏ । ରାହୁଲ ଡ଼ାକିଲା ତା ଭଉଣୀକୁ ଛାତ ଉପରକୁ ଆଉ ହାଣି ଦେଲା ।

ବଡ ଘର ବିଦେଶରେ ବ୍ୟବସାୟ, ଭୟରେ କଥାଟିକୁ ସବୁ ଘୋଡ଼େଇ ଦେଲେ । ନିଜର ଗୋଟିଏ ବୋଲି ପୁଅ କୂଳ ପ୍ରଦୀପ - ଯା ହେବାର ହେଇ ସାରିଲାଣି କହିଲେ କଣ ପାଇବେ ?

ମାଲିକଙ୍କ ପତ୍ନୀ ବୃନ୍ଦାଦେବୀ ହାଇଦ୍ରାବାଦରୁ କାରିଗର ଡ଼ାକି ଝିଅ ଅନୁଶ୍ରୋତା ମୂର୍ତ୍ତିଟି ଗଢାଇ ସ୍ଥାପନ କଲେ ।

ସେଇ ମୂର୍ତ୍ତିଟି ମଧ୍ୟରେ ଏହି ନିରୀହ ନିର୍ଦ୍ଦୋଶ ଆତ୍ମାଟି ସବୁ ଦେଖୁଥାଏ ଓ ନିଜକୁ ପଚାରୁ ଥାଏ ତାର ଏ କେଉଁ ପାପର ପରିଣତି ? ତା'ପରେ ଝିଅଟି ଟିକେ ହସି ଦେଇ କହିଲା ଏବାର ଯାଉଚି ? କହିତ ଦେଲି ବିଶ୍ୱାସ ହେଉନି ଟି ? ହଉ ତମେ ବି ଯାଅ" ସେ ଅନ୍ଧ ବାଟ ଯାଇ ଅଦୃଶ୍ୟ ହୋଇଗଲା ।

ଯୁବକଟି ତଟସ୍ଥ ହେଲା, ଏ ଆଉ ସେଇ ଆତ୍ମା ନୁହେଁ ତ ? ସ୍ଥିର କଲା ସେ କାଲି ନିଶ୍ଚୟ ସତ୍ୟତା କ'ଣ ବୁଝିବ ।

ରାତି ସାରା ନିଦ ଭାଙ୍ଗୁଛି । ବ୍ୟାଙ୍କରେ କାମ ସାରି ସବୁ ହିସାବ ଦେଇ ସେ ମଲ୍‌କୁ ଗଲା । ଚାରି ଆଡ଼କୁ ବୁଲି ବାଲି ଦେଖିଲା, ମହଲର ଗୋଟେ ପଛ ଭାଗକୁ ବୟସ୍କ ଲୋକଟିଏ ଅତି ମନସ୍କ ଭାବେ ହିସାବ କରୁଥାଏ ଯୁବକଟି ତା ନିକଟକୁ ଯାଇ ପଚାରିଲା ଅଙ୍କଲ ସବୁ ଦିନେ ଆପଣଙ୍କୁ ହିଁ ଦେଖୁଛି ମାଲିଙ୍କ ଅନ୍ୟ ଲୋକ କେହି ନାହାନ୍ତି କି ?


ବୟସ୍କ ଲୋକଟି ଦୁଃଖରେ ଟିକେ ଉପରକୁ ଚାହିଁ ମଇଳା ମନରେ କହିଲା "କ'ଣ କହିବି, କିଏ ଅଛି । ମଲ୍ ମାଲିକ ସବୁ ପୁତୁରା ନାମରେ କରି ଦେଇଛନ୍ତି ।"

ଯୁବକଟି ପଚାରିଲା କାହିଁ ସେ କ'ଣ ନିସନ୍ତାନ ଥିଲେ ?

ଯନ୍ତ୍ରଣା ବିଦଗ୍ଧ କଣ୍ଠରେ ସେ କହିଲେ "ହଁ ଥିଲେ ଏକମାତ୍ର ପୁତ୍ର ରାହୁଲ, ଅତି ଗର୍ବୀ ଦର୍ପରେ ମଣିଷଙ୍କୁ ମଶା ପରି ଦଳିଦିଏ ସେଇ ତାର ଏକମାତ୍ର ଭଉଣୀ ବହୁତ ସରଳ, ଶାନ୍ତ ଅନୁଶ୍ରୋତାକୁ ମାରି ଦେଇଥିଲା ମାନେ ମର୍ଡ଼ର । ଝିଅଟିର ସେମିତି ବ୍ରେନ୍ କ୍ୟାନ୍‌ସରରେ ଘାଣ୍ଟି ଚକଟି ହୋଇଗଲା ; କହୁନ ପୁଅ ଧର୍ମ ବୋଲି କିଛି ଅଛି ତ ? ମାଲିକ ଓ ତାଙ୍କ ସ୍ତ୍ରୀ ଅବଶୋଷରେ ଚାଲିଗଲେ । ଏଇ ଯୋଉ ମୂର୍ତ୍ତିଟି ଦେଖୁଚ ସେ ସେଇ ଅନୁଶ୍ରୋତାଙ୍କର ତାଙ୍କ ମା ଅଲିଅଳି ଝିଅର ମୂର୍ତ୍ତିଟି ହାଇଦ୍ରାବାଦରୁ କାରିଗର ଡ଼କେଇ ବହୁତ ପଇସା ଖର୍ଚ୍ଚ କରି ନିଖୁଣ ଭାବେ ଗଢେଇ ମଲ୍‌ରେ ରଖିଥିଲେ । ସତରେ ମ ବାବୁ ମନେ ହୁଏ ଯେମିତି ମୂର୍ତ୍ତିଟି କଥା କହେ । କଥାରେ କି ମିଠାସ ରୂପ ତ ଅପସରୀ ଆଃ ତୁଃ ଚାଲି ଗଲାତ । ସବୁ ଦିନ ବନ୍ଦ କରି ଗଲା ବେଳେ ମତେ ସେ କହୁଚି, ଅଙ୍କଲ ବାଏ, ଗୁଡ଼ ନାଇଟ୍ ମୁଁ ବି କହେ ।"

ନୀରବ ରହି ଯୁବକଟି ଆସିଲା ସେଇ ପ୍ରିୟ ମୂର୍ତ୍ତିଟି ପାଖକୁ । ସେ ମୂର୍ତ୍ତିରୁ ମିଠା ଆୱାଜ ଆସୁଥିଲା ଜାଣ ନା ପ୍ରେତାତ୍ମାକୁ ଭଲ ପାଇବାକୁ ହେଲେ ପ୍ରେତାତ୍ମା ହେବାକୁ ପଡ଼େ । ହଠାତ୍ ଯୁବକଟି ସଂଜ୍ଞାହୀନ ହୋଇ ପଡ଼ିଲା ଓ ମୂର୍ତ୍ତିଟି ସଙ୍ଗେ ସଙ୍ଗେ ସଂଜ୍ଞାହୀନ ଯୁବକଟି ଉପରେ ଟଳି ପଡ଼ିଲା ।

ମହଲରେ ସମସ୍ତେ ଚିତ୍କାର କଲେ ଆମ୍ବୁଲାନ୍ସ........ ଆମ୍ବୁଲାନ୍ସ ।



କ୍ଷୁଦ୍ରଗଳ୍ପ

# ମାନସୀ କନ୍ୟା



ପ୍ରକାଶ କୁମାର ମହାପାତ୍ର

ସବୁଦିନ ଭଳି ପ୍ରାତଃ ଭ୍ରମଣରେ ଯାଉଥିବା ଅଭିଜିତ ଆଜି ଅବଶ୍ୟ ଟିକିଏ ବିଳମ୍ବରେ ଘରୁ ବାହାରିଛନ୍ତି । କିନ୍ତୁ ମନ ଭିତରେ ଥିବା ଯୁବସୁଲଭ ଫୁର୍ତ୍ତି ତାଙ୍କୁ କେବେବି ଜଣାଇ ଦେବାକୁ ଚାହିଁନି ଯେ ସେ ଏବେ ଜୀବନର ୮ମ ଦଶନ୍ଧି ଅତିକ୍ରମ କରିବାର ଦ୍ୱାର ଦେଶରେ ଉପନୀତ ଅଛନ୍ତି ବୋଲି । ଏହି ପ୍ରାତଃଭ୍ରମଣ ତାଙ୍କୁ ହିଁ ବଞ୍ଚିବାକୁ ରାହା ଦେଇଛି । କିଛି ସମୟ ଚାଲିବା ପରେ ପୌଷମାସର କାଉଁଳିଆ ଖରାରେ ପାର୍କରେ ଥିବା ବେଞ୍ଚ ଉପରେ ଟିକିଏ ବିଶ୍ରାମ ନେଲେ । କିଛି ଦୂରରେ ଆଉ ଗୋଟିଏ ବେଞ୍ଚ ଉପରେ ଦୁଇ ଜଣ ମଧ୍ୟ ବୟସ୍କ ପତିପତ୍ନୀ ବସି କିଛି ଆଳାପ ଆଲୋଚନାରେ ବ୍ୟସ୍ତ ଥିବାର ଦେଖିଲେ । ହଠାତ୍ କାହିଁକି କେଜାଣି ତାଙ୍କର ଭାବାନ୍ତର ହେଲା । ସେ ଅନୁଭବ କଲେ ଯେ ତାଙ୍କ ପାଖରେ ତାଙ୍କର ପତ୍ନୀ ସୁଲୋଚନା ବସିଛନ୍ତି ସ୍ୱଭାବ ସୁଲଭ ଢଙ୍ଗରେ । ତାଙ୍କର ନିସ୍ତେଜ ଆଖି ଦୁଇଟିରେ ସେ ଚାହିଁ ରହିଛନ୍ତି ଅଭିଜିତଙ୍କ ଆଡ଼କୁ ଅତ୍ୟନ୍ତ ଅସ୍ୱାଭାବିକ ଭାବରେ । ଆଖି ଦୁଇଟି ଲୋତକରେ ଭରପୁର ଥିବାର ସ୍ପଷ୍ଟ ପ୍ରତୀୟମାନ ହେଉଥିଲା । ଅଭିଜିତ ସବୁ କିଛି ସହ୍ୟ କରିପାରିବେ କିନ୍ତୁ ସୁଲୋଚନାଙ୍କ ଆଖିର ଲୁହ ବ୍ୟତୀତ । ନିଜକୁ ଅତ୍ୟନ୍ତ ଅସହଜ ମନେ କରି ସେ ସୁଲୋଚନାଙ୍କର ଆଖିରୁ ଲୁହ ପୋଛି ଦେଇ ନିଜ ଛାତି ଉପରକୁ ଆଉଜାଇ ଆଣିଲେ, ଆଖିରୁ ତାଙ୍କର ସ୍ୱତଃ ବାହାରି ଆସିଥିଲା ଲୁହ । ବାଷ୍ପରୁଦ୍ଧ କଣ୍ଠରେ ସେ ପଚାରିଥିଲେ - "ସୁଲି ! ତୁମର କ'ଣ ହୋଇଛି, କାହିଁକି ତୁମ ଆଖିରେ ଲୁହ, କିଏ ତୁମକୁ କ'ଣ କହିଲାକି ?" ସୁଲୋଚନା କିନ୍ତୁ ନିରୁତ୍ତର । ପୁଣି ଥରେ ପଚାରିଲେ ଅଭିଜିତ ତଥାପି ସୁଲୋଚନା ନିରୁତ୍ତର । ନିଜକୁ ଆଉ ସମ୍ଭାଳି ପାରିଲେନି ସେ, ସୁଲୋଚନାଙ୍କର ଦୁଇକାନ୍ଧକୁ ଧରି ଜୋରରେ ହଲାଇ ଦେଇ ପଚାରିବା ଭିତରେ ସେ ଫେରି ପାଇଥିଲେ ନିଜର ସଚେତନତା । ସେ ଜାଣିପାରିଲେ ଯେ ଏବେ ସେ ଏକାକୀ ବସିରହିଛନ୍ତି ପାର୍କରେ ଥିବା ବେଞ୍ଚ ଉପରେ । ସୁଲୋଚନା ତାଙ୍କୁ ସବୁଦିନ ପାଇଁ ଛାଡ଼ି ଚାଲିଯାଇଛନ୍ତି ଦେଢବର୍ଷ ପୂର୍ବରୁ । ଆଉ ଅନେକ ଦିନ ପରେ କ'ଣ ପାଇଁ ସେ ପୁଣିଥରେ ତାଙ୍କୁ ଏମିତି ଦେଖିବାକୁ ପାଇଲେ ସେକଥା ଭାବି ସେ ବହୁତ ବ୍ୟସ୍ତ ହୋଇପଡ଼ିଲେ । ଆଖିରୁ ତାଙ୍କର ସ୍ୱତଃ ଲୋତକର ଧାରା ବାହାରି ଯାଉଥିବାର ଦେଖି ସେହି ପାଖଦେଇ ପ୍ରାତଃ ଭ୍ରମଣରେ ଯାଉଥିବା ବନ୍ଧୁ ତାଙ୍କୁ କାନ୍ଦିବାର କାରଣ ପଚାରିବାରୁ ସେ କହିଥିଲେ "ଆଜି ସକାଳୁ ଆଖି ଦୁଇଟି କାହିଁକି କେଜାଣି ଖେଞ୍ଚିହୋଇ ଲୁହ ବାହାରୁଛି, ସେଥିପାଇଁ ମୁଁ ବେଶୀ ସମୟ ନ ଚାଲି ଆସି ଏଠି ବସିଛି । ଅଭିଜିତ ସିନା ବନ୍ଧୁ ଜଣଙ୍କୁ ସେତେବେଳେ ମିଛ କହି କଥାଟାକୁ ଏଡ଼ାଇ ଦେଇଥିଲେ କିନ୍ତୁ ସେଦିନ ଦିନସାରା ତାଙ୍କୁ କିଛିବି ଭଲ ଲାଗିନଥିଲା ରାତିସାରା ସେ ଖାଲି ବିଛଣା ଉପରେ ଛଟପଟ ହୋଇଥିଲେ, ଯାହାହେଉ ପାହାନ୍ତା ପ୍ରହରରୁ ତାଙ୍କୁ ଟିକିଏ ନିଦ ଆସି ଯାଇଥିଲା ।

ଏତେ ଡ଼େରି ପର୍ଯ୍ୟନ୍ତ ଶୋଇଥିବାର ଦେଖି ଝିଅ ଆସି ତାଙ୍କୁ ପଚାରିଥିଲା - "ବାପା ! କ'ଣ ହୋଇଛି କି, ଆଜି ଏତେ ଡ଼େରି ପର୍ଯ୍ୟନ୍ତ ଶୋଇଛନ୍ତି, ଆପଣଙ୍କ ଦେହ ଭଲ ଲାଗୁନିକି ?" ଅଭିଜିତ୍ କହିଥିଲେ - "ନାଇଁରେ ମା', କାଲି ରାତିରେ କ'ଣ ପାଇଁ କେଜାଣି ଜମା ନିଦ ହେଲାନି, ଏହି ପାହାନ୍ତାରୁ ଟିକିଏ, ଆଖି ଲାଗିଯାଇଥିଲା।" ଝିଅ ତାଙ୍କୁ ପ୍ରାତଃ ଭ୍ରମଣରେ ଯିବାପାଇଁ ସେଦିନ ମନା କରିଥିଲା। ସେ ଠିକ୍ ବୁଝି ପାରିଥିଲା ଯେ ବୋଉର ଦେହାନ୍ତ ପରେ ଏ ନିସଙ୍ଗ ଜୀବନ ବାପାଙ୍କ ପାଇଁ ଅତ୍ୟନ୍ତ ଦୁର୍ବିସହ ହୋଇଯାଇଛି । ସେଥିପାଇଁ ସେ ଆସନ୍ତା ରବିବାର ଦିନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯିବାର ସିଦ୍ଧାନ୍ତ ନେଇ ବାପାଙ୍କୁ ଜଣାଇଲା । ପୁରୀ ଯିବା କଥା ଶୁଣି ତାଙ୍କର ମନ ବହୁତ ହାଲୁକା ହୋଇଗଲା। ସେଦିନ ସେ ମନେ ମନେ ଅନେକ ଯୋଜନା କଲେ ନାତି ଟୋକାପାଇଁ କ'ଣ କ'ଣ ସବୁ ଖେଳଣା ଆଉ ଝିଅ-ଜ୍ୱାଇଁଙ୍କ ପାଇଁ ମନପସନ୍ଦର ଜିନିଷପତ୍ର ସବୁ କିଣିବା ପାଇଁ । ତା'ଛଡ଼ା ସୁଲୋଚନାଙ୍କର ଅନ୍ତିମ ସଂସ୍କାର ହୋଇଥିବା ସ୍ୱର୍ଗଦ୍ୱାର ଆଡ଼େ ଟିକିଏ ବୁଲି ଆସିବାପାଇଁ ମନସ୍ଥ କଲେ। ଚାହୁଁ ଚାହୁଁ ଦିନ କେଇଟା ଭିତରେ ରବିବାର ଆସିଗଲା। ସେଦିନ ସେମାନେ ସକାଳୁ ସକାଳୁ ବାହାରି ଯାଇଥିଲେ ପୁରୀ ଅଭିମୁଖେ। ହୋଟେଲରେ ପହଞ୍ଚି ଟିକିଏ ଧୁଆଧୋଇ ହୋଇ ଚାଲି ଯାଇଥିଲେ ସମୁଦ୍ର କୂଳ ଆଡ଼େ । ନାତି ଟୋକାକୁ ସାଙ୍ଗରେ ଧରି ଅଜା ଓଟ ଓ ଘୋଡ଼ା ପିଠିରେ ବସାଇ ବେଶ ମଜା ନେଇଥିଲେ। ସୁଲୋଚନା ଯିବା ପରଠାରୁ ଏହି ନାତି ଟୋକାଟି ହିଁ ତାଙ୍କର ଜୀବନ । ତା'ରି ମୁହଁକୁ ଚାହିଁ ସେ ସମୟ ଅତିବାହିତ କରି ଆସୁଛନ୍ତି। ସମୁଦ୍ର କୂଳ ବୁଲିବା ପରେ ସେ ନାତି ଓ ଝିଅ-ଜ୍ୱାଇଁଙ୍କ ପାଇଁ ଜିନିଷ ପତ୍ର କିଣାକିଣି କରିସାରି ନାତିକୁ ଝିଅ ପାଖରେ ଛାଡ଼ି ଦେଇ ଟିକିଏ ସ୍ୱର୍ଗଦ୍ୱାର ଆଡ଼େ ବୁଲି ଯାଇଥିଲେ।

ସେଠାରେ ଜଳୁଥିବା ଜୁଇ ଆଡ଼କୁ ଚାହିଁ ଯୋଡ଼ ହସ୍ତରେ ଆଖିରୁ ଲୁହ ଗଡ଼ାଇ ପ୍ରଣାମ କରିଥିଲେ ତାଙ୍କର ଦିବଂଗତ ପତ୍ନୀଙ୍କ ଉଦ୍ଦେଶ୍ୟରେ। ହଠାତ୍ ସେଠାରେ ସେ ଅନୁଭବ କରିଥିଲେ ସୁଲୋଚନାଙ୍କ ଉପସ୍ଥିତିକୁ । ଯେମିତି ସେ ତାଙ୍କ ପାଖରେ ଛିଡ଼ା ହୋଇ କହୁଛନ୍ତି- "ମୁଁ ତୁମକୁ ନିସଙ୍ଗ କରି ଚାଲିଯାଇଛି ମୋ ଅନିଚ୍ଛା ସତ୍ତ୍ୱେ ବି । ତୁମେ କେବେ ବି ନିଜକୁ ଏକୁଟିଆ ଭାବିବନି, ମୁଁ ସଦାବେଳେ ତୁମ ପାଖେ ପାଖେ ରହୁଛି ଓ ରହୁଥିବି ମଧ।" ସ୍ୱର୍ଗଦ୍ୱାରରୁ ଅତ୍ୟନ୍ତ ପ୍ରସନ୍ନ ଚିତ୍ତରେ ସେଦିନ ଫେରିଥିଲେ ଅଭିଜିତ। ତା'ପରେ ସେମାନେ ହୋଟେଲକୁ ଯାଇ ଧୁଆଧୁଆ ହୋଇ ଲୁଗାପଟା ବଦଳାଇ ଯାଇଥିଲେ ଶ୍ରୀମନ୍ଦିର ଅଭିମୁଖେ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦର୍ଶନ କରିସାରିବା ପରେ ବେଢା ପରିକ୍ରମା କରି ମହାଲକ୍ଷ୍ମୀଙ୍କ ଦର୍ଶନ ସାରି ସେଠାରେ କିଛି ସମୟ ବସିବା ପରେ ସମସ୍ତେ ଯାଇଥିଲେ ଆନନ୍ଦ ବଜାର ଅଭିମୁଖେ । ସେଠାରେ ମହାପ୍ରସାଦ ସେବନ କରି ଫେରିଲା ବେଳେ ସାଙ୍ଗରେ କିଛି ଶୁଖିଲା ଭୋଗ ଆଣିଥିଲେ । ବାଟରେ ଫେରିବା ସମୟରେ ଅଭିଜିତଙ୍କର ମନେ ପଡ଼ିଥିଲା ସୁଲୋଚନାଙ୍କ କଥା ସେମାନେ ପିଲାମାନଙ୍କୁ ସାଙ୍ଗରେ ଧରି ଆଗରୁ ଅନେକ ଥର ପୁରୀ ଆସିଥିଲେ। ମନ୍ଦିରରେ ପ୍ରବେଶ କରିବା ପରେ ପ୍ରଥମେ ସେ ପିଲାମାନଙ୍କୁ ପବିତ୍ର ବାଇଶି ପାହାଚରେ ଗଡ଼ାଇବା ସହିତ ସମସ୍ତ ଦେବାଦେବୀଙ୍କ ପାଖରେ ମୁଣ୍ଡିଆ ମରାଉଥିଲେ। ମନ୍ଦିରରେ ଦୀପ ଜଳାଇବା ସମୟରେ ପିଲାମାନଙ୍କୁ ମଧ ଦ୍ୱୀପ ଜଳାଇବା ଶିଖାଉଥିଲେ । କାରଣ, ସେ ଜାଣିଥିଲେ ଯେ ପିଲାମାନେ ବଡ଼ହେବା ପରେ ମନ୍ଦିରକୁ ଆସିଲେ ଏହିଭଳି ଦର୍ଶନ କରି ଦ୍ୱୀପ ଜଳାଇବେ । ଦେବାଦେବୀଙ୍କର ଦର୍ଶନ ସାରି ଯାଉଥିଲେ ଆନନ୍ଦ ବଜାର ଅଭିମୁଖେ । ଅଭିଜିତ ମହାପ୍ରସାଦ ଆଣିବା ପୂର୍ବରୁ ପ୍ରଥମେ ଯାଇ କଦଳୀପତ୍ର, ଲଙ୍କା, ଲେମ୍ବୁ ଓ ଲୁଣ

ନେଇ ଆସୁଥିଲେ । ତା'ପରେ ମହାପ୍ରସାଦ କୁଡୁଆ ସବୁ ଧରି ଆସିବା ପରେ ସୁଲୋଚନା ପ୍ରଥମେ ମହାପ୍ରସାଦକୁ ମୁଣ୍ଡରେ ମାରି କଦଳୀ ପତ୍ରରେ ବାଢି ଦେଉଥିଲେ । ଦୁଇଜଣ ଯାକ ମିଶି ପ୍ରଥମେ ପିଲାମାନଙ୍କୁ ଖୁଆଇ ଦେବାପରେ ସେମାନେ ଖାଉଥିଲେ । ସେଠାରୁ ଫେରିଲାବେଳକୁ ସୁଲୋଚନା ସାଙ୍ଗରେ କିଛି ଶୁଖିଲା ଭୋଗ ସାହିପଡ଼ିଶାଙ୍କ ପାଇଁ ଆଣୁଥିଲେ, ଠିକ୍ ସୁଲୋଚନାଙ୍କ ଭଳି ଝିଅ ସବୁକିଛି କରୁଥିଲା ।

କାଲିଭଳି ମନେ ପଡ଼ିଯାଉଛି ତାଙ୍କ ବାହାଘରର ମାସ କେଇଟା ଭିତରେ ଘରେ ବାପା-ମା'ଙ୍କୁ ନ ଜଣାଇ ସୁଲୋଚନାଙ୍କୁ ତାଙ୍କ ବାପ ଘରୁ ସାଙ୍ଗରେ ଧରି ପୁରୀ ଆସିଥିଲେ । ସେତେବେଳକୁ ସୁଲୋଚନାଙ୍କର ବୟସ ୧୭ ଆଉ ଅଭିଜିତଙ୍କୁ ୨୦ ବର୍ଷ । ସୁଲୋଚନା ଗାଁ ପାଖ ସ୍କୁଲର ୧୧ ଦଶ ଶ୍ରେଣୀର ଛାତ୍ରୀ ଥିବାବେଳେ ଅଭିଜିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର । ସେ ଦୁଇଜଣ ଯାକ ସମୁଦ୍ରକୂଳ ଠାରୁ ଆରମ୍ଭ କରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ବହୁତ ଖୁସିରେ ବୁଲାବୁଲି କରିଥିଲେ ମୁକ୍ତ ବିହଙ୍ଗଙ୍କ ଭଳି । ଅଭିଜିତଙ୍କ ପାଖରେ ଥିବା ମେଧାବୃତ୍ତି ଟଙ୍କାରୁ ସେଦିନ ଖୋଲା ମନରେ ଖର୍ଚ୍ଚ କରିଥିଲେ ସୁଲୋଚନାଙ୍କ ପାଇଁ । ସେଦିନର ସେହି ଅବିସ୍ମରଣୀୟ ମୁହୂର୍ତ୍ତକୁ ଏପର୍ଯ୍ୟନ୍ତ ବି ଭୁଲି ପାରି ନାହାନ୍ତି ଅଭିଜିତ, ଯାହାକି ଥିଲା ତାଙ୍କ ଜୀବନର ପ୍ରଥମ ପ୍ରେମର ସ୍ମୃତି । ଛାତ୍ର ଜୀବନର ପ୍ରଥମ ପ୍ରେମର ସ୍ମୃତି ତାଙ୍କୁ ବିଚଳିତ କରୁଥିଲା ଅନେକ ସମୟରେ । ସେପଟେ ସୁଲୋଚନାଙ୍କର ଅବସ୍ଥାବି ଅସମ୍ଭାଳ, ପ୍ରତି ମୁହୂର୍ତ୍ତରେ ମନେ ପଡ଼ିଯାଉଛି ଅଭିଜିତଙ୍କ ସହିତ ବିତାଇ ଥିବା ସେହି ମୁହୂର୍ତ୍ତ ଗୁଡ଼ିକର କଥା । ସେହି ମୁହୂର୍ତ୍ତର ପ୍ରେମାନୁଭୂତିକୁ ଚିଠିରେ ରୂପାନ୍ତରିତ କରି ପରସ୍ପରକୁ ଡ଼ାକରେ ପଠାଉଥିଲେ । ସେତେବେଳେ ସେହି ଚିଠି ହିଁ ସେମାନଙ୍କର ପ୍ରେମକୁ ନିବିଡ଼ରୁ ନିବିଡ଼ତର କରାଇବାର ଏକ ମାଧ୍ୟମ ଥିଲା । ଆଜିକାଲି ମୋବାଇଲ୍ ଭିଡ଼ିଓ କଲିଙ୍ଗରେ କଥାହେବା ସହିତ ପରସ୍ପରକୁ ଦେଖି ପାରିବାର ସୁବିଧା ସେ ସମୟରେ ଉପଲବ୍ଧ ନଥିବାରୁ ଚିଠି ହିଁ ଏକମାତ୍ର ମାଧ୍ୟମ ଥିଲା ।

କେଜାଣି କାହିଁକି ଅଭିଜିତଙ୍କର ବାହାଘର ବେଳର କଥା ମନେ ପଡ଼ିଗଲା । ସେ ଗୋଟିଏ ନିମ୍ନ ମଧ୍ୟବିତ୍ତ ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ବାପା ତାଙ୍କର ଗାଁରେ ଥିବା ଜମିବାଡ଼ି ଚାଷବାସ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ସେ ଅତ୍ୟନ୍ତ ସରଳ ଓ ନମ୍ର ଥିଲେ । ଅଭିଜିତଙ୍କର ବଡ଼ବାପା ଦୁଷ୍ମନ୍ତବାବୁ ଆଖପାଖ ୫-୬ ଖଣ୍ଡ ଗାଁ ର ମୁଖିଆ ଥିଲେ । ତାଙ୍କ ମୁହଁରେ କାହାର ଜବାବ ଦେବାକୁ ସାହସନଥିଲା । ଯଦି କେବେ କାହାର କିଛି ସମସ୍ୟା ଉପୁଜେ, ସେ ହିଁ ତା'ର ସମାଧାନର ସୂତ୍ର ବାହାର କରିଥା'ନ୍ତି । ତାଙ୍କର ଏତେ ଖାତିର ଥିଲା ଯେ ତାଙ୍କ କଥାକୁ କେହି ବି ଏଡ଼ାଇ ଦେଇ ପାରୁନଥିଲେ । ପାଖ ଗାଁର ମୁରଲୀବାବୁ ଯିଏ କି ବଡ଼ବାପାଙ୍କର ଅତି ଜଣାଶୁଣା ଥିଲେ, ହଠାତ୍ ଦିନେ ଆସି ତାଙ୍କ ପାଖରେ ପହଞ୍ଚିଲେ । କଥା ପ୍ରସଙ୍ଗରେ ସେ ତାଙ୍କ ପିଲାମାନଙ୍କ କଥା କହିଲେ । ତାଙ୍କର ତିନୋଟି ଝିଅଙ୍କ ଭିତରୁ ଦୁଇଜଣଙ୍କର ବାହାଘର ସରିଯାଇଥିଲା ବେଳେ ସାନଟି ଏବେ ଗାଁ ପାଖ ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଛି । ତେଣୁ ତା'ପାଇଁ ଟିକିଏ ଭଲ ବରପାତ୍ରଟିଏ ଆଖି ପକାଉଥା'ନ୍ତୁ ବୋଲି କହିଥିଲେ । ତାଙ୍କ କଥା ଶୁଣି ଦୁଷ୍ମନ୍ତବାବୁ କହିଲେ - "ମୁରଲୀ ! ତୁମ ସାନ ଝିଅଟିତ ଦେଖିବାକୁ ଭଲ ଓ ରଙ୍ଗ ଗୋରା । ତାକୁ ମୋ ସାନଭାଇ ନୃସିଂହର ପୁଅ ଅଭିଜିତ ସହିତ ବାହାଘର କଲେ କେମିତି ହୁଅନ୍ତା ?" କଥାଟା ଅବଶ୍ୟ ମୁରଲୀବାବୁଙ୍କ ମନକୁ ପାଇଲା । ସେ କିଛି ସମୟ ଚୁପ ରହିବା ପରେ ଛଳ ଛଳ ଆଖିରେ କହିଲେ "ଆଜ୍ଞା ! ମୁଁ ତ ଗରିବ

ଲୋକ, ଆପଣଙ୍କ ବନ୍ଧୁ ଯୋଗ୍ୟ ନୁହେଁ, ମୋର ସାହସ ପାଉନାହିଁ ।" ଦୁଷ୍ମନ୍ତବାବୁ ତାଙ୍କୁ କହିଥିଲେ "ତୁମେ ବ୍ୟସ୍ତ ହୁଅନାହିଁ, ଆମର କିଛିବି ଯୌତୁକ ଦରକାରନାହିଁ, ତୁମେ ଖାଲି ଯାହା ବରଯାତ୍ରୀ କେତେଙ୍କର ଚର୍ଚ୍ଚା କରିବ ।" ମୁରଲୀବାବୁ ଦୁଷ୍ମନ୍ତବାବୁଙ୍କୁ ବିନମ୍ର ଭାବରେ କହିଥିଲେ - "ଆପଣ ଯାହା ଠିକ୍ ଭାବୁଛନ୍ତି କରନ୍ତୁ, ମୋର ଆପଣଙ୍କ ଉପରେ ସଂପୂର୍ଣ୍ଣ ଭରସା ଓ ସହମତି ଅଛି ।" ସେଦିନ ସଂନ୍ଧ୍ୟାରେ ବଡ଼ବାପା ବାପାଙ୍କୁ ଡ଼କାଇ ସମସ୍ତ କଥା କହିବା ସହିତ ସେ ନିଜେ ସେ ଝିଅଟିକୁ ଦେଖିଛନ୍ତି ବୋଲି କହିଥିଲେ । ବଡ଼ଭାଇଙ୍କ କଥାରେ ସମ୍ମତି ଜଣାଇବା ସହିତ ବାପା କହିଥିଲେ "ଅଭିଜିତର ସେମିଷ୍ଟର ପରୀକ୍ଷା ସରିଗଲା ପରେ ୧୫ ଦିନ ଭିତରେ ଘରକୁ ଫେରିବ, ଆପଣ ତା' ସହିତ କଥା ହୋଇଯିବେ ।" ବଡ଼ବାପା କହିଥିଲେ "ଅଭିଜିତର ବାହାଘର ଆମ ବଂଶର ଶେଷ ବାହାଘର, ବାହାଘରର ସମସ୍ତ ଦାୟିତ୍ୱ ମୋର ତୁ କିଛି ବି ବ୍ୟସ୍ତ ହେବା ଦରକାର ନାହିଁ ।"

ସେମିଷ୍ଟର ପରୀକ୍ଷା ସରିଯିବା ପରେ ଅଭିଜିତ ଗାଁକୁ ଫେରିଗଲେ । ସେ ଘରେ ପହଞ୍ଚିବା ପରେ ବାପାଙ୍କ କହିବା ଅନୁଯାୟୀ ବଡ଼ବାପାଙ୍କୁ ଦେଖାକରିବାକୁ ଗଲେ । ବଡ଼ବାପାଙ୍କ ପାଦ ଛୁଇଁ ପ୍ରଣାମ କରିବା ପରେ ସେ ତାଙ୍କୁ ପାଖରେ ବସାଇ କହିଥିଲେ - "ଅଭି ! ମୁଁ ତୋର ବାହାଘର ପାଖ ଗାଁର ମୁରଲୀବାବୁଙ୍କ ସାନଝିଅ ସହିତ ଠିକ୍ କରିସାରିଛି । ତୋର କଲେଜ ଛୁଟିକୁ ଦେଖି ବାହାଘର ତାରିଖ ସ୍ଥିର କରାଯିବ । ଏହାରି ଭିତରେ ଆମେ ସବୁ ଯାଇ ଝିଅକୁ ଦେଖି ମୁଦି ପିନ୍ଧାଇ ଆସିବୁ ।" ବଡ଼ବାପାଙ୍କ ସାମ୍ନାରେ ମୁହଁ ଖୋଲିବାକୁ ଅଭିଜିତଙ୍କର ସାହସ ନଥିଲା । ବଡ଼ବାପାଙ୍କ ପାଖରୁ ଫେରିବା ପରେ ଘରେ ତାଙ୍କ ବୋଉଙ୍କୁ ସବୁ କଥା କହିବା ସହିତ ତାଙ୍କ ପାଠପଢା ସରିବା ପୂର୍ବରୁ ଏମିତି ତରବରିଆ ଭାବରେ ବାହାଘର କରାଯିବାଟାକୁ ସେ ନାପସନ୍ଦ କରିଥିଲେ । ବୋଉ ବି ଥିଲେ ନାଚାର, ବଡ଼ବାପାଙ୍କ ସାମ୍ନାରେ କଥା କହିବାର କାହାରବି ସାହସ ନଥିଲା । ସେ ଅଭିଜିତକୁ ବୁଝାଇବାକୁ ଯାଇ କହିଥିଲେ - "ବଡ଼ବାପା ଆମ ଘରର ମୁରବି, ସେ ଯାହାବି ନିଷ୍ପତ୍ତି ନେଇଥିବେ ସବୁ ତୋର ଭଲପାଇଁ ନିଶ୍ଚୟ ହୋଇଥିବ । ତୁ ବ୍ୟସ୍ତ ହେବା ଦରକାର ନାହିଁ, ସେ ଝିଅ ଏବେ ଦଶମ ଶ୍ରେଣୀରେ ପଢୁଛି । ବାହାଘର ସରିବାର କିଛିଦିନ ଭିତରେ ଆମେ ବୋହୁକୁ ତା' ବାପଘରକୁ ପଠାଇ ଦେବା । ତା'ର ମାଟ୍ରିକ ପରୀକ୍ଷା ସରିଗଲା ପରେ ସେ ଆମ ଘରକୁ ଫେରିଆସିବ । ବଡ଼ବାପା କହୁଥିଲେ ବୋହୁର ମାଟ୍ରିକ ସରିଗଲା ପରେ ତାକୁ ଆମ ଗାଁ କଲେଜରେ ପାଠ ପଢାଇବେ । ମା' ଉଚ୍ଚଶିକ୍ଷିତା ହେଲେ ପିଲାମାନଙ୍କର ପାଠପଢାର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରିବ । ମଝିରେ ମଝିରେ ତୁ ଗାଁକୁ ଆସୁଥିବୁ । ତୁ କଲେଜ ଯିବା ପରଠୁଁ ଘରଟା ଖାଁ ଖାଁ ଲାଗୁଛି । ବୋହୁ ପିଲାଟି ଆସିଲେ ଘରଟା ବି ପୁରି ଉଠିବ । ଅବଶ୍ୟ କଥାଟା ଅଭିଜିତଙ୍କୁ ଟିକିଏ ଭଲ ଲାଗିଥିଲା । ତା'ର କିଛଦିନ ଭିତରେ ସେ ଫେରିଯାଇଥିଲେ କଲେଜକୁ । ଚାରିମାସ ପରେ ଅଭିଜିତଙ୍କର ବାହାଘର ତାରିଖ ଠିକ୍ ହୁଏ ତାଙ୍କ କଲେଜର ଛୁଟିକୁ ଦେଖିକି । ନିଜ ବାହାଘର ଠିକ୍ ହୋଇଥିବା କଥା କଲେଜ ସାଙ୍ଗସାଥିଙ୍କୁ କହିଲା ପରେ ସେମାନେ ଝିଅ କେମିତି ଦେଖିବାକୁ ପଚାରିବାରୁ ଅଭିଜିତ କହିଥିଲେ ଯେ ସେ ନିଜେ ଝିଅକୁ ଦେଖିନାହାନ୍ତି, ଘର ଲୋକମାନେ ଦେଖିକି ଫାଇନାଲ କରିଛନ୍ତି । ସାଙ୍ଗମାନେ କହିଲେ ତୁ ଝିଅକୁ ନଦେଖି କେମିତି ପ୍ରସ୍ତାବରେ ରାଜିହେଲୁ ? ଅଭିଜିତ କିନ୍ତୁ ଦୃଢ କଣ୍ଠରେ କହିଥିଲେ - "ଆମ ଘରର ମୁରବିମାନେ ନେଇଥିବା ନିଷ୍ପତ୍ତିକୁ ମୁଁ ମାନିବାକୁ ବାଧ୍, କାରଣ ସେମାନେ ଯାହାକିଛି କରିଥିବେ ସବୁକିଛି ମୋ ଭଲପାଇଁ

ହୋଇଥିବ । ଅଭିଜିତଙ୍କ ରୋକଠୋକ କଥା ଶୁଣି ସାଙ୍ଗମାନେ ଚୁପ ହୋଇ ଯାଇଥିଲେ ।

ବାହାଘରର ଗୋଟିଏ ମାସ ପୂର୍ବରୁ ଅଭିଜିତଙ୍କ ଶ୍ୱଶୁର ଜ୍ୱାଇଁଙ୍କର ପୋଷାକପତ୍ର କିଣାକିଣି ପାଇଁ ମନିଅର୍ଡ଼ର କରି ଟଙ୍କା ପଠାଇବା ପରେ ସେ ସାଙ୍ଗମାନଙ୍କ ସହିତ ଯାଇ ବଜାରରୁ କିଣାକିଣି କରିଥିଲେ । ମନଟା କିନ୍ତୁ ସବୁବେଳେ ଥାଏ ତାଙ୍କର ଭାବିପତ୍ନୀଙ୍କ ପାଖରେ । ସେ ତାଙ୍କ ମନର କାନଭାସ ଉପରେ ଆଙ୍କି ସାରିଥିଲେ ତାଙ୍କ 'ମାନସୀ କନ୍ୟା' ବନାମ ଭାବି ପତ୍ନୀଙ୍କର ପ୍ରତିଚ୍ଛବିକୁ । ପୂର୍ଣ୍ଣ ଯୌବନପ୍ରାପ୍ତ ଅଭିଜିତଙ୍କର ମନରେ ଭରି ରହିଛି ଅନେକ ଉନ୍ମାଦନା, ପାଇବା ପାଇଁ ଟିକିଏ ସାନ୍ନିଧ୍ୟ ତାଙ୍କର ଭାବି ଜୀବନ ସଙ୍ଗିନୀଙ୍କର । ଏହାରି ଭିତରେ ସେ ଅନେକ ଥର ତାଙ୍କୁ ନେଇ ରଙ୍ଗୀନ ସପ୍ନ ବି ଦେଖି ସାରିଛନ୍ତି, ତଥାପି ମନଟା ତାଙ୍କର ବୁଝୁନି । ଦିନେ ସେ ଗାଁରୁ କଲେଜକୁ ଫେରିବା ବେଳେ ବୋଉ ତାଙ୍କ ହାତକୁ ଫଟୋଟିଏ ବଢାଇ ଦେଇ କହିଲେ "ଦେଖ ଅଭି ମୋ ବୋହୂର ଫଟୋ, ଗୋଟିଏ ଚାଉଳରେ ଗଢା, ତା' ଭଳିଆ ବୋହୂଟିଏ ଆମ ଗାଁରେ ବି ନାହାନ୍ତି, ଯେମିତି ଗୋରା ସେମିତି ସୁନ୍ଦର, ତୁ ବୋହୂକୁ ଦେଖି ଆମ ବୁଢାବୁଢୀଙ୍କୁ ଭୁଲିଯିବୁନି ତ ?" ବୋଉଙ୍କ କଥା ଶୁଣି ସେ ଟିକିଏ ଲାଜେଇ ଯାଇ ଫଟୋଟି ତାଙ୍କ ହାତକୁ ବଢାଇଦେଇ ଫେରି ଆସୁଥିବା ବେଳେ ସେ କହିଲେ "ଅଭି ! ଏ ଫଟୋଟି ମୁଁ ତୋ ପାଇଁ ଆଣିଛି" । ଅଭିଜିତ ଫଟୋଟି ଧରି ଚୁପ୍‌ଚାପ୍ ସେଠାରୁ ଚାଲିଯାଇଥିଲେ । ସେଦିନ ରାତିରେ ଅନେକ ସମୟ ପର୍ଯ୍ୟନ୍ତ ଘରର ଲାଇଟ ଜଳାଇ 'ମାନସୀ କନ୍ୟା'ଙ୍କର ଫଟୋଟିକୁ ମନଭରି ଦେଖୁଥିଲା ବେଳେ ବୋଉ କବାଟ ବାଡ଼େଇ ପଚାରିଲେ "କ'ଣ ପାଇଁ ଏତେ ରାତିଯାଏ ଶୋଇନୁ, ଶୀଘ୍ର ଲାଇଟ ଲିଭାଇ ଶୋଇପଡ଼" । ବୋଉଙ୍କ ତାଗିଦ ପରେ ସେ ବାଧହୋଇ ଲାଇଟ ଲିଭାଇବା ସତ୍ତ୍ୱେବି ତାଙ୍କୁ ନିଦ ଆସିନଥିଲା । ତା'ପରେ ଫଟୋଟିକୁ ଛାତି ଉପରେ ରଖି କେତେବେଳେ ଶୋଇ ପଡ଼ିଛନ୍ତି ତାଙ୍କୁ ଜଣା ନାହିଁ । ରାତିରେ ସେ ସପ୍ନରେ ଦେଖିଲେ ଯେ ତାଙ୍କର 'ମାନସୀ କନ୍ୟା' ଆସି ତାଙ୍କ ପାଖରେ ବସି ମୁଣ୍ଡକୁ ଆଉଁସି ଦେଇ ପଚାରୁଛନ୍ତି 'କ'ଣ ପାଇଁ ଏତେ ବ୍ୟସ୍ତ ହେଉଛ, ଆଉ ମାତ୍ର ଦିନ କେଇଟା



ଭିତରେ ମୁଁ ସବୁଦିନ ପାଇଁ ତୁମ ପାଖକୁ ଆସିଯିବି ।" ଅଭିଜିତ ତାଙ୍କ କୋଳ ଉପରେ ମୁଣ୍ଡ ରଖି ନିଶ୍ଚିନ୍ତରେ ଶୋଇ ଯାଇଥିଲେ । ସକାଳେ ନିଦ ଭାଙ୍ଗିଲା ବେଳକୁ ସେ ନିଜକୁ ଆବିଷ୍କାର କଲେ ଯେ ସେ ତକିଆ ଉପରେ ହିଁ ମୁଣ୍ଡରଖି ଶୋଇଛନ୍ତି । ଯାହାହେଉ, ସେଦିନର ସେହି ସ୍ୱପ୍ନଟାହିଁ ତାଙ୍କ ମନରେ ଅପାର ଖୁସି ଭରି ଦେଇଥିଲା । ବାହାଘର ତାରିଖ ଯେତିକି ଯେତିକି ପାଖେଇ ଆସୁଥାଏ, ତାଙ୍କର ଉତ୍କଣ୍ଠା ସେତିକି ସେତିକି ବଢୁଥାଏ । ପରଦିନ ସେ କଲେଜ ଫେରିଲାବେଳେ ବୋଉ ତାଙ୍କୁ କେତେଗୁଡ଼ିଏ ନିମନ୍ତ୍ରଣ ପତ୍ର ଦେଇ କହିଲେ ଯେ ତୋର କଲେ ସାଙ୍ଗ ଓ ଅଧ୍ୟାପକ ମାନଙ୍କୁ ବାହାଘରକୁ ନିମନ୍ତ୍ରଣ କରିବୁ । ବୋଉଙ୍କ ପରାମର୍ଶ କ୍ରମେ ସେ କଲେଜରେ ସମସ୍ତଙ୍କୁ ସାଦରେ ନିମନ୍ତ୍ରଣ ପତ୍ର ପ୍ରଦାନ ପୂର୍ବକ ବାହାଘରକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ ।

ଶନିବାର ଦିନ ସନ୍ଧ୍ୟା ବସରେ କିଣାକିଣି କରିଥିବା ପୋଷାକପତ୍ର ଧରି ଗାଁ ବସ ଚଢିଥିଲେ ଅଭିଜିତ । ଗାଁରେ ପହଞ୍ଚିବା ପରେ ବୋଉ ଓ ବଡ଼ଭାଉଜ ଆସି ପୋଷାକପତ୍ର ସବୁ ଦେଖି ତାଙ୍କ ପସନ୍ଦକୁ ତାରିଫ୍ କରିଥିଲେ । ବୋଉ ତାଙ୍କ ରୁମରୁ ବାହାରି ଯିବାପରେ ଭାଉଜ ତାଙ୍କୁ କହିଥିଲେ - "ସୁନ୍ଦରୀ ଯବାନ ସ୍ତ୍ରୀ କୁ ପାଇ ଆଖି କିଆରୀରେ ପଶିଲା ଭଳି ହେବନି । ବୁଝି ବିଚାରୀ ରହି ସମ୍ଭାଳି ସବୁ କିଛି କରିବ ତରବର ହେବନି, କାରଣ ତୁମ ଦୁଇ ଜଣଙ୍କର ବାପ-ମା' ହେବାର ବୟସ ହୋଇନି । ବେଶ କିଛିଦିନ ଜୀବନକୁ ମନଭରି ଉପଭୋଗ କର ତା'ପରେ ପିଲା କଥା ଚିନ୍ତା କରିବ । ତା'ଛଡ଼ା ସୁଲୋଚନାର ବି ପିଲା ଜନ୍ମ କରିବା ଭଳି ବୟସ ହୋଇନି । ସୁଲୋଚନା ଆସିଲା ପରେ ତୁମ ଦୁଇଜଣଙ୍କୁ ମୁଁ ସବୁକିଛି ବୁଝାଇଦେବି।" ଅଭିଜିତଙ୍କୁ ସେଦିନ ଭାଉଜ ଏହିଭଳି ଭାବରେ ଟିଉସନ କରି ଯିବାପରେ ସେ ମନେ ମନେ ଅବଶ୍ୟ ଖୁସି ହୋଇଥିଲେ । ତାଙ୍କର ଏପର୍ଯ୍ୟନ୍ତ ବି ଗୋଟିଏ ହେଲେ ଝିଅ ସାଙ୍ଗ ନଥିବାରୁ, ସେ ଏସବୁଥିରୁ ଅନେକ ଦୂରରେ ଅଛନ୍ତି । ବାପା-ମା'ଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ସଦାବେଳେ ପାଠପଢା ଉପରେ ଧ୍ୟାନ ଦେଇ ଆସୁଛନ୍ତି । ସମୟ କ୍ରମେ ବାହାଘରର ତାରିଖ ପାଖେଇ ଆସିଲା । ବାହାଘରର ଚାରି ପାଞ୍ଚ ଦିନ ପୂର୍ବରୁ ସେ ଆସି ଗାଁରେ ପହଞ୍ଚିଥିଲେ । ବାହାଘର ପୂର୍ବ ଦିନ ସାହି ପଡ଼ିଶାର ସ୍ତ୍ରୀଲୋକମାନେ ଆସି ନୂଆଲୁଗା ପିନ୍ଧି ମଙ୍ଗନ ହାଣ୍ଡି ବସାଇଥିଲେ । ସେଦିନ ଘରଟା ତାଙ୍କର ଉତ୍ସବ ମୁଖର ହୋଇ ଉଠିଥିଲା । ତା' ପରଦିନ ବର୍ଧରା ଆସିବା ପରେ ବରକୁ ବାଡୁଅ ପାଣି ଗାଧୋଇବା ପାଇଁ ନିଆଯାଇଥିଲା । ଗାଧୋଇ ସାରିବା ପରେ ନୂଆ ଲୁଗା ପିନ୍ଧି ପୁରୋହିତଙ୍କ ଦ୍ୱାରା କିଛି କର୍ମ ସରିବା ପରେ ତାଙ୍କୁ ବର ବେଶରେ ସଜ୍ଜିତ କରାଯାଇଥିଲା । ଏସବୁ କଥା ତାଙ୍କୁ ଅଜବ ଲାଗୁଥିଲେ ବି ସେ ବାଧ୍ୟ ଶିଶୁଟି ଭଳି ସବୁକିଛି ସହ୍ୟ କରିନେଉଥିଲେ ।

ତା'ପରେ ବର ବାହାରିବାର ସମୟ ଉପନୀତ ହେଲା । ମା'ଙ୍କ ଠାରୁ ଆଞ୍ଜୁଳିରେ ଚାଉଳ ନେଇ ଘରୁ ବିଦାୟ ନେବାକୁ ପଡ଼ିଥିଲା ତାଙ୍କୁ । ପୁଅର ଆଞ୍ଜୁଳିରେ ଚାଉଳ ଭରିବା ପରେ ମା'ଙ୍କ ଆଖିରେ ଟିକିଏ ଲୁହ ଜକେଇ ଆସିଥିଲା । ବର ଦାଣ୍ଡ ଦୁଆର ମୁହଁ ଟପିଲା ବେଳକୁ ଆଞ୍ଜୁଳିରେ ଧରିଥିବା ଚାଉଳକୁ ପଛକୁ ଫୋପାଡ଼ି ଦେଇ ବାହାରି ଯିବାପରେ ମା'ଙ୍କ ଆଖିରୁ ସ୍ୱତଃ ବାହାରି ଆସିଥିଲା ଲୋତକର ଧାରା, ଯାହାକି ଅତ୍ୟନ୍ତ ହୃଦୟ ବିଦାରକ ଥିଲା, କେବଳ ଜଣେ ମା'ହିଁ ବୁଝିପାରିବ ସେ ସମୟର ଆଉ ଜଣେ ମା'ର ଅନ୍ତଃର୍ବେଦନା । ଅଭିଜିତଙ୍କୁ ତା'ପରେ ବସିବାକୁ ପଡ଼ିଥିଲା ବରପାଇଁ ଉଦ୍ଦିଷ୍ଟ ପାଲିଙ୍କି ଉପରେ ମାର୍କୁଣ୍ଡି ସହିତ । କଥିତ ଅଛି ଯେ ଯଦି ଜଣେ ବର ବାଣ ଓ ଶୋଷଣୀ ନେଇ ପଟୁଆରରେ ବାହାରି ଥାଏ, ସ୍ୱର୍ଗର ରାଜା ଇନ୍ଦ୍ରଦେବଙ୍କର ଈର୍ଷ୍ୟାର ଶିକାର ନହେବାପାଇଁ ବର

ସାଙ୍ଗରେ ଗୋଟିଏ ନିଷ୍ପାପ ଶିଶୁକୁ ମାର୍କୁଣ୍ଡି ଭାବରେ ସୁସଜ୍ଜିତ କରାଯାଇ ବସାଯାଇଥାଏ, କାରଣ ସ୍ୱୟଂ ଇନ୍ଦ୍ରଦେବ ଇର୍ଷାବଶତଃ ବଜ୍ର ପ୍ରହାର କରିବାକୁ ଚାହିଁଲେ ବି ଶିଶୁ ହତ୍ୟା ପାତକ ଲାଗିବା ଭୟରେ ନୀରବ ଦର୍ଶକ ସାଜିବାକୁ ବାଧ ହୋଇଥା'ନ୍ତି । ବରର ବିରାଟ ସୁଦୃଶ୍ୟ ପଟୁଆର ଆଖପାଖ ଗାଁ ଲୋକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଗ୍ରାମ୍ୟ ରାସ୍ତାର ଦୁଇ କଡ଼ରେ ଲୋକମାନଙ୍କର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା, କାରଣ ତାହାଥିଲା ୫-୬ ଖଣ୍ଡ ଗାଁର ମୁଖିଆ ଦୁଷ୍ମନ୍ତବାବୁଙ୍କ ବଂଶର ଏହି ପିଢୀର ଶେଷ ବାହାଘର । କିଛି ସମୟ ମଧ୍ୟରେ ବରର ପଟୁଆର ଯାଇ ପହଞ୍ଚିଥିଲା କନ୍ୟାଘର ପାଖରେ । ଅତ୍ୟନ୍ତ ଆଡ଼ମ୍ବର ସହକାରେ ବ୍ରାହ୍ମଣମାନଙ୍କ ଦ୍ୱାରା ଉଚ୍ଚାରିତ ଶ୍ଳୋକ ଓ ହୁଳହୁଳି ଭିତରେ ବରକୁ ବାଟ ବରଣୀ କରି ପାଛୋଟି ନେଇଥିଲେ । ସେହି ମୂହୂର୍ତ୍ତଟି ବେଶ ମନମୁଗ୍ଧକର ଥିଲା । ତା'ପରେ ବରଯାତ୍ରୀମାନଙ୍କୁ ଆଦର ସହକାରେ ମୁଣ୍ଡରେ ଚନ୍ଦନ ଲଗାଇ ଓ ବେକରେ ଫୁଲହାର ପିନ୍ଧାଇ ପାଛୋଟି ନେଇଥିଲେ । ଅଭିଜିତଙ୍କର ସାଙ୍ଗମାନେ ବରଯାତ୍ରୀମାନଙ୍କୁ କିଭଳି ଚର୍ଚ୍ଚା କରାଗଲା ସେ ସମସ୍ତ କଥା ଆସି ତାଙ୍କୁ ଜଣାଉଥାନ୍ତି ।

ପର୍ଯ୍ୟାୟ କ୍ରମେ, ବିଧି ମୁତାବକ ବେଦୀ ଉପରେ ବିବାହ କର୍ମ ସମ୍ପାଦିତ ହେବା ପରେ ଶେଷରେ ହସ୍ତଗଣ୍ଠି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ବରକନ୍ୟାଙ୍କର ହସ୍ତଗଣ୍ଠି ପଡ଼ିସାରିଲା ପରେ ହସ୍ତଗଣ୍ଠି ଫିଟାଇବାର ଦାୟିତ୍ୱ ନ୍ୟସ୍ତ ହୋଇଥିଲା କନ୍ୟାର ସାନଭଉଣୀ ବା ବରର ଶାଳି ଉପରେ । ସାଧାରଣତଃ, ହସ୍ତଗଣ୍ଠି ଫିଟାଇବା ପାଇଁ ଶାଳିମାନେ ଟିକେ ନଖରାମି କାଢି ବରଙ୍କ ପାଖରେ କିଛି ଦାବି ଉପସ୍ଥାପନ କରିଥାନ୍ତି । ତଦନୁଯାୟୀ, ଶାଳି ମହାଶୟା ଦାବି ଉପସ୍ଥାପନ କରିବାଟା ସ୍ୱାଭାବିକ । କିନ୍ତୁ ବେଦୀ ପାଖରେ ଉପସ୍ଥିତ ଥିବା ବରର ସାଙ୍ଗମାନେ ନିଜ ନିଜ ପକେଟରୁ କିଛି କିଛି ରେଜା ପଇସା କାଢି ବର ହାତକୁ ବଢାଇ ଦେଇଥିଲେ ଶାଳିକୁ ଦେବାପାଇଁ । ରେଜା ପଇସା ନେବାକୁ ଶାଳି ରୋକଠୋକ ମନା କରିଦେବାରୁ, ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରେ ବେଶ ହାସ୍ୟରୋଳ ହୋଇଥିଲା । କିଛି ଦୂରରେ ଛିଡ଼ା ହୋଇଥିବା ଦୁଷ୍ମନ୍ତବାବୁ ଏସବୁ ଦେଖି ବାରିକକୁ ଡ଼ାକାଇ ପକେଟରୁ ଶହେ ଟଙ୍କିଆ ନୋଟ ପାଞ୍ଚଟି କାଢି ବର ପାଖକୁ ପଠାଇ ଦେଇ ସେଠାରୁ ଚାଲିଯାଇଥିଲେ । ନିଜ ଦାବିଠାରୁ ଯଥେଷ୍ଟ ଅଧିକ ଟଙ୍କା ପାଇ ଶାଳି ବହୁତ ଆନନ୍ଦରେ ହସ୍ତଗଣ୍ଠି ଫିଟାଇ ସମସ୍ତଙ୍କୁ ବଡ଼ପାଟିରେ କହିଲା "ଦେଖନ୍ତୁ ମୋ ଭିଣୋଇ ଭଳିଆ ଦିଲବାଲା ଆଉ କିଏ ଅଛି" । ଶାଳିର ଏହି କଥା କେଇପଦରେ ଅଭିଜିତଙ୍କର ମନଟା ପୁରି ଉଠିଥିଲା । ହସ୍ତଗଣ୍ଠି ପରେ ପରେ ବେଦୀ ଉପରେ ଝିଅ-ଜ୍ୱାଇଁଙ୍କୁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର, ମଙ୍ଗଳ ସୂତ୍ର ଓ ଟଙ୍କା ଦେଇ ବନ୍ଦାପନା କରିଥିଲେ । ଆଗରୁ କେବେବି ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧି ନଥିବା ଅଭିଜିତଙ୍କର ହାତ ଆଙ୍ଗୁଠିଗୁଡ଼ିକ ସ୍ୱର୍ଣ୍ଣ ମୁଦ୍ରିକାରେ ଭରପୂର ହୋଇଯିବା ସହିତ ବେକରେ ସ୍ୱର୍ଣ୍ଣ ଚେନ ଗୁଡ଼ିକୁ ଦେଖି ସେ ବେଶ୍ ଆଚମ୍ଭିତ ହୋଇଥିଲେ । ତା'ପରେ ଝିଅ ବିଦାୟ ହେବାର ସମୟ ଉପନୀତ ହୋଇଥିଲା । ବର ଓ କନ୍ୟାଙ୍କ ପାଇଁ ଯଥାକ୍ରମେ ପାଲିଙ୍କି ଓ ଶବାରି ପ୍ରସ୍ତୁତ ହୋଇ ରହିଲା । ବର ପାଲିଙ୍କିରେ ବସିବା ବେଳକୁ ହଠାତ୍ ଝିଅ ଘର ଭିତରୁ ପ୍ରବଳ କ୍ରନ୍ଦନର ଶବ୍ଦ ଆସିବା ପରେ ଅଭିଜିତ ପ୍ରଥମେ ଟିକେ ଡ଼ରି ଯାଇଥିଲେ, କିଛି ଗୋଟେ ଅଘଟଣ ଆଶଙ୍କାରେ । ଯାହାହେଉ, ତାଙ୍କ ପାଖରେ ଛିଡ଼ା ହୋଇଥିବା ବାରିକ କହିଥିଲା ଯେ ଝିଅକୁ ସବୁଦିନ ପାଇଁ ଘରୁ ବିଦାୟ ଦେବାବେଳେ ଘର ଲୋକମାନେ ଏହିଭଳି କ୍ରନ୍ଦନ କରିବାଟା ଏକ ସାଧାରଣ ଘଟଣା । ତା'ପରେ ସେ ଯାଇ ପାଲିଙ୍କିରେ ବସିଥିଲେ

ଏବଂ କନ୍ୟା ଆସି ସବାରିରେ ବସିବା ପରେ ସେମାନେ ଗୃହାଭିମୁଖେ ଯାତ୍ରା କରିଥିଲେ । ଯାହାହେଉ ଭଲରେ ଭଲରେ ସେମାନେ ଆସି ଘରେ ପହଞ୍ଚିଥିଲେ । ପୁଅ-ବୋହୁ ଗୃହକୁ ପ୍ରବେଶ କରିବା ପୂର୍ବରୁ ତାଙ୍କର ବୋଉ, ବଡ଼ବୋଉ ଓ ଭାଉଜ ଆସି ସେମାନଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ । ସେଦିନ ଘର ଭିତରେ ଆନନ୍ଦର ମାହୋଲ ଥିଲା ଯାହାକି ଅଭିଜିତ ପ୍ରଥମ କରି ଉପଲବ୍ଧି କରିଥିଲେ । ତା'ପରଦିନ ଅଭିଜିତଙ୍କ ବାପା, ବଡ଼ବାପା ଓ ଭାଇ ସମସ୍ତେ ବସି ଚତୁର୍ଥୀ ଭୋଜି ବିଷୟରେ କଥା ହେଉଥିଲେ । ସେଠାରୁ ଅଭିଜିତକୁ ଡ଼କରା ଆସିଲା । ବଡ଼ବାପା ପଚାରିଲେ - "ଅଭି ତୋର କଲେଜରୁ କେତେ ଜଣ ଆସିବେ ?" "ପ୍ରାୟ ୨୦ ରୁ ୨୫ ଜଣ" । ତା'ପରେ ଅଭିଜିତ ସେଠାରୁ ଫେରିଯାଇଥିଲେ । ବାହାଘର ଦିନର କ୍ଳାନ୍ତିରୁ ଏବେ ବି ମୁକୁଳି ପାରିନଥିଲେ । ତାଙ୍କ ପିଲାଦିନର ସାଙ୍ଗମାନେ ଜଣକ ପରେ ଜଣେ ତାଙ୍କ ପାଖକୁ ଦେଖା କରିବାକୁ ଆସୁଥିଲେ, ତାଙ୍କୁ ଯେମିତି ଲାଗୁଥିଲା ସତେ ଯେମିତି ସେ କେଉଁ ଗଡ଼ ଜିତିକି ଆସିଛନ୍ତି ସେଥିପାଇଁ ସେମାନେ ସବୁ ବଧାଇ ଜଣାଇବାକୁ ଆସୁଛନ୍ତି ।

ଏମିତି ଚାହୁଁଚାହୁଁ ଚତୁର୍ଥୀ ଦିବସ ଉପନୀତ ହେଲା । ତାଙ୍କ ଘରର ନିୟମ ଅନୁଯାୟୀ, ପୁଅବୋହୁଙ୍କର ଚତୁର୍ଥୀ ପୂର୍ବରୁ ମିଳନ ହୋଇପାରିବ ନାହିଁ, ଏମିତିକି କେହି କାହାରିକୁ ଦେଖାବି କରିପାରିବେନି । ଏହି ତିନି ଦିନର ପତୀକ୍ଷା ସତେ ଯେମିତି ଅଭିଜିତଙ୍କ ପାଇଁ ତିନି ବର୍ଷର ପ୍ରତୀକ୍ଷା ସଦୃଶ ଥିଲା । ହସ୍ତଗଣ୍ଠି ସମୟରେ ତାଙ୍କ ମାନସୀକନ୍ୟାଙ୍କ ସ୍ପର୍ଶ ପାଇବା ପରଠାରୁ ସବୁବେଳେ ତାଙ୍କରି କଥା ଭାବିବାରେ ମଗ୍ନ ରହୁଥିଲେ । ହଠାତ୍ ଭାଉଜ ଆସି କହିଲେ- "ଅଭି ଶୀଘ୍ର ଗାଧୁଆ ପାଧୁଆ ସାରି ପ୍ରସ୍ତୁତ ହୁଅ ପୁରୋହିତ ଆସିଲେଣି ବେଦୀ ଉପରେ ଚତୁର୍ଥୀ କର୍ମ ଅଛି । "ଭାଉଜଙ୍କ କଥାରେ ଅଭିଜିତ ନିଜର ସଂବିତ ଫେରି ପାଇଥିଲେ । ଯଥାଶୀଘ୍ର ସେ ନିଜକୁ ପ୍ରସ୍ତୁତ କରି ବେଦୀ ପାଖକୁ ଯାଇଥିଲେ । ସେଠାରେ ଆବଶ୍ୟକୀୟ କର୍ମ ସରିବା ପରେ ସେ ଓ ବୋହୁ ଯାଇଥିଲେ ବଡ଼ବାପା - ବଡ଼ବୋଉ, ବାପା-ବୋଉ ଓ ଭାଇ-ଭାଉଜଙ୍କ ଆଶୀର୍ବାଦ ନେବାକୁ । ବଡ଼ବାପା ଅଭିଜିତଙ୍କୁ ଆଶୀର୍ବାଦ ଦେଇସାରି ଛାତି ଉପରକୁ ଆଉଯାଇ ଆଣି କହିଥିଲେ - "ଯାହାହେଉ ଆଜିଠାରୁ ମୋର ସମସ୍ତ ଦାୟିତ୍ୱ ସରିଗଲା ।" ବଡ଼ବାପାଙ୍କ ଏହି କଥା କେଇ ପଦରେ ଅଭିଜିତଙ୍କର ଆଖିରୁ ଲୁହ ବାହାରି ଆସିଥିଲା, ଆଉ ସେ କୋହଭରା କଣ୍ଠରେ କହିଥିଲେ "ଆପଣ କଣ ପାଇଁ ଏମିତି କଥା କହୁଛନ୍ତି, ଆଜି ମୁଁ ଜୀବନରେ ଯାହାବି କିଛି ସଫଳତା ହାସଲ କରିଛି ସବୁକିଛି କେବଳ ଆପଣଙ୍କ ଆଶୀର୍ବାଦ ଓ ଅବଦାନ ପାଇଁ । କେବଳ ଆପଣଙ୍କ ପାଇଁ ହିଁ ଆମ ପରିବାର ଆଖପାଖ ଅଞ୍ଚଳରେ ପ୍ରତିଷ୍ଠା ଅର୍ଜନ କରିପାରିଛି । ଆପଣ ସବୁଦିନ ପାଇଁ ଆମମାନଙ୍କର ମାର୍ଗ ଦର୍ଶକ ହୋଇ ରହିଥା'ନ୍ତୁ ।" ବଡ଼ବାପା ଅଭିଜିତଙ୍କ ଆଖିରୁ ଲୁହ ପୋଛି ଦେଇ କହିଥିଲେ "ତୁ କେବେ ବି ବ୍ୟସ୍ତ ହେବୁନି, ତୁମ ମାନଙ୍କ ପାଇଁ ମୋର ସଦାବେଳେ ଆଶୀର୍ବାଦ ରହିଛି ଓ ରହିଥିବ ମଧ୍ୟ" । ଚତୁର୍ଥୀ ଦିନ ସନ୍ଧ୍ୟାରେ ତାଙ୍କ ଘର ପାଖରେ ଅତିଥିମାନଙ୍କ ସତ୍କାର ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା । ବନ୍ଧୁବାନ୍ଧବଙ୍କ ଭିଡ଼ ଭିତରେ ଘରର ମାହୋଲ ସେଦିନ ପୁରା ବଦଳି ଯାଇଥିଲା । ଅନେକ ଦିନ ପରେ ନିଜର ବନ୍ଧୁବାନ୍ଧବମାନଙ୍କୁ ପାଖରେ ପାଇ ଖୁସି ହୋଇଥିଲେ ଅଭିଜିତ । ସନ୍ଧ୍ୟାବେଳକୁ ଅତିଥିମାନେ ଆସିବାକୁ ଲାଗିଲେ, ଆଉ ବିଶେଷ କରି ଅଭିଜିତଙ୍କର କଲେଜ ସାଙ୍ଗ ଓ ଅଧ୍ୟାପକମାନେ । ସେମାନଙ୍କୁ ଦେଖି ଅଭିଜିତ ବହୁତ ଖୁସି ହୋଇଯାଇଥିଲେ । ସେମାନଙ୍କୁ ସସମ୍ମାନେ ଆତିଥେୟତା ପ୍ରଦାନ କରିବାରେ କୌଣସି ପ୍ରକାର ହେଳା କରାଯାଇନଥିଲା । ଫେରିଲା

ବେଳେ ଅଭିଜିତର ଜଣେ ସାଙ୍ଗ ତାଙ୍କ ପକେଟରେ ଲୁଚାଇ କରି ଗୋଟିଏ ପ୍ୟାକେଟଟିଏ ପୁରାଇ କହିଥିଲା ଏଇଟା ରାତିରେ ଭାଉଜଙ୍କ ସାମ୍ନାରେ ଖୋଲିବୁ ।

ଯାହାହେଉ ବିଳମ୍ବିତ ରାତ୍ରିରେ ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ବହୁତ କ୍ଳାନ୍ତ ହୋଇ ଅଭିଜିତ ସୋଫା ଉପରେ ବସୁ ବସୁ ନିଦ ହୋଇ ଯାଇଥିଲା । ଭାଉଜଙ୍କ ଡ଼ାକରେ ତାଙ୍କର ନିଦ ଭାଙ୍ଗିଥିଲା । ଭାଉଜ ତାଙ୍କୁ ତାଙ୍କର ସୁସଜ୍ଜିତ ଶୟନ କକ୍ଷ ଆଡ଼କୁ ନେଇଯାଇଥିଲେ । ତାଙ୍କୁ ସେଠାରେ ବସାଇ ଦେଇ ଆସିବା ପରେ ସେ ନୂଆ ବୋହୁକୁ ସାଙ୍ଗରେ ନେଇ ପୁନଃର୍ବାର ଆସିଥିଲେ । ବୋହୁ ହାତରେ ଥିଲା ଗୋଟିଏ କ୍ଷୀର ଗ୍ଲାସ ସହିତ ହୋମରେ ପୋଡ଼ା ଯାଇଥିବା ନଡ଼ିଆରୁ ଖଣ୍ଡେ । ଭାଉଜ ଦୁଇଜଣଙ୍କୁ ପାଖରେ ବସାଇ ବୁଝାଇ କହିଥିଲେ - "ଦେଖ ଅଭି, ତୁମେ ଆଉ ସୁଲୋଚନା ଦୁଇଜଣଙ୍କର ବୟସ ବହୁତ କମ । ଦୁଇ ଜଣ ଯାକ ଏବେବି ପାଠପଢୁଛ, ହଠାତ୍ ଏହି ବୟସରେ ପିଲାଛୁଆର ବାପା -ମା' ହେବାଟା ତୁମମାନଙ୍କର ବିଶେଷ କରି ସୁଲୋଚନାର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇ ପାରେ । ଆଉ ତୁମେବିତ ଜଣେ ଛାତ୍ର, ପାଠପଢା ସାରି ଚାକିରୀ ପାଇଲା ପରେ ପିଲାଟିଏ ହେଲେ ତା'ର ଯତ୍ନ ତୁମେମାନେ ଠିକ୍ ଭାବରେ ନେଇପାରିବ । ଏଣୁ, ବର୍ତ୍ତମାନ କିଛି ଦିନ ପାଇଁ ଜୀବନକୁ ଉପଭୋଗ କର ଏବଂ ସତର୍କତା ଅବଲମ୍ବନ କରିବା ପାଇଁ ମୁଁ ସବୁକିଛି ତାଙ୍କୁ ବୁଝାଇ ଦେଇଛି" କହି ସୁଲୋଚନା ହାତରେ ଗୋଟିଏ ଛୋଟ ପ୍ୟାକେଟଟିଏ ଗୁଞ୍ଜିଦେଇ ସେମାନଙ୍କୁ ଶୁଭରାତ୍ରି ଜଣାଇ ଚାଲିଯାଇଥିଲେ । ଭାଉଜ ଚାଲିଯିବା ପରେ ଅଭିଜିତ ନିଜେ ଯାଇ କବାଟଟା ଭିତର ପଟୁ ବନ୍ଦ କରିଦେଇଥିଲେ । ତା'ପରେ ସୁଲୋଚନା ପ୍ରଥମେ ଆସି ଅଭିଜିତଙ୍କ ପାଦ ଛୁଇଁ ପ୍ରଣାମ କରିବା ପରେ କ୍ଷୀର ଗ୍ଲାସଟିକୁ ତାଙ୍କ ହାତକୁ ବଢାଇ ଦେଇଥିଲେ । ଅଭିଜିତ କ୍ଷୀର ପିଇସାରିବା ପରେ ସେ ହାତରେ ଧରିଥିବା ପୋଡ଼ା ନଡ଼ିଆଟିକୁ ତାଙ୍କ ହାତକୁ ବଢାଇଥିଲେ । ଅଭିଜିତ ନଡ଼ିଆଟିକୁ ଦୁଇ ଖଣ୍ଡ କରି ନିଜେ ଖଣ୍ଡେ ଖାଇଥିଲେ ଓ ଅନ୍ୟଟିକୁ ସୁଲୋଚନାଙ୍କୁ ଖୁଆଇ ଦେଇଥିଲେ । ସୁଲୋଚନା ସେତେବେଳେ ଲାଜେଇ ଯାଇ ଦୁଇ ପାପୁଲିରେ  ନିଜର ମୁହଁ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ । ତା'ପରେ ସେ ସୁଲୋଚନାଙ୍କ ହାତକୁ ଧରି ଟାଣି ଆଣିଥିଲେ ନିଜ ପାଖକୁ । ଖଟ ଉପରେ ନିଜ ପାଖରେ ବସାଇ ତାଙ୍କର ସୁନ୍ଦର ମୁହଁଟିକୁ ଚାହିଁରହି ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ ଯେ ତାଙ୍କ 'ମାନସୀ କନ୍ୟା' ଏତେ ସୁନ୍ଦର ହୋଇପାରେ ବୋଲି । ସୁଲୋଚନା ବି ଲାଜେଇ ଯାଇ ଅତ୍ୟନ୍ତ ଅସ୍ପଷ୍ଟ କଣ୍ଠରେ କହିଥିଲେ କ'ଣ ଏମିତି ମୁହଁକୁ ଚାହିଁରହିବେ ନା କିଛି କହିବେ । ଅଭିଜିତ ନିଜର ସଚେତନତା ଫେରିପାଇ ତାଙ୍କୁ ପଚାରିଥିଲେ "ଭାଉଜ ତୁମ ହାତରେ କ'ଣ ଗୋଟିଏ ଲୁଚାଇକି ଦେଲେ ?" ସୁଲୋଚନା କହିଲେ "ମୁଁ ତ ଜାଣିନି କ'ଣ ଗୋଟିଏ ଛୋଟ ପ୍ୟାକେଟଟିଏ ଦେଇଛନ୍ତି, ନିଅ ଦେଖ" କହି ତାଙ୍କ ହାତକୁ ଦେଇଥିଲେ । ପ୍ୟାକେଟଟିକୁ ଖୋଲିବା ପରେ ହସି ହସି ଗଡ଼ି ଯାଇଥିଲେ ଅଭିଜିତ ଆଉ ତା'ପରେ ନିଜ ପକେଟରୁ ସାଙ୍ଗ ଦେଇଥିବା ପ୍ୟାକେଟିକୁ ସୁଲୋଚନାଙ୍କ ହାତକୁ ବଢାଇ ଦେଇଥିଲେ । ସୁଲୋଚନା ପ୍ୟାକେଟଟିକୁ ଖୋଲି ବୁଝିପାରି ଲାଜେଇ ଯାଇ ଟିକିଏ ଦୂରେଇ ଯାଇଥିଲେ । ଅଭିଜିତ ତାଙ୍କ ହାତକୁ ଧରି ନିଜ ଆଡ଼କୁ ଭିଡ଼ି ଆଣିଥିଲେ । ତା'ପରେ ଘରର ଲାଇଟ ଲିଭାଇ ସେମାନେ ଏକାକାର ହୋଇଯାଇଥିଲେ । ବହୁ ପ୍ରତିକ୍ଷିତ 'ମାନସୀ କନ୍ୟା'ଙ୍କର ସାନ୍ନିଧ ପାଇ ସେଦିନ ଆତ୍ମତୃପ୍ତି ପାଇଥିଲେ । ସେହି ମୁହୁର୍ତ୍ତର ସ୍ମୃତି ଏବେବି ଉଜ୍ଜୀବିତ ହୋଇ ରହିଛି ତାଙ୍କ ମାନସପଟ୍ଟରେ । ପରଦିନ ପାହାନ୍ତା ପ୍ରହରରୁ ସୁଲୋଚନା ନିଜର ନିତ୍ୟକର୍ମ ସାରି ଫେରି ଆସିଥିଲେ

ନିଜ କକ୍ଷକୁ । ସେ ଆସି ଦେଖିଥିଲେ ଯେ ଅଭିଜିତ ପୂର୍ବବତ୍ ଶୋଇ ରହିଛନ୍ତି । ପୂର୍ବ ରାତିରେ ତାଙ୍କର ଦୁଷ୍ଟାମି କଥା ମନେପକାଇ ସେ ମନେ ମନେ ହସିଥିଲେ, ଆଉ ତା'ପରେ ସେ ଅଭିଜିତଙ୍କୁ ନିଦରୁ ଉଠାଇବା ପରେ କହିଲେ " ତୁମେ ଶୀଘ୍ର ଯାଇ ନିତ୍ୟକର୍ମ ସାରିଦିଅ, ଆମକୁ ଯାଇ ଗୁରୁଜନମାନଙ୍କର ଆଶୀର୍ବାଦ ନେବାକୁ ପଡ଼ିବ । ଅଭିଜିତ ତରବର ହୋଇ ବାଥରୁମ୍ ଯାଇ ଶିଘ୍ର ନିଜକୁ ପ୍ରସ୍ତୁତ କରିନେଲେ । ତା'ପରେ ସେମାନେ ବାହାରି ଯାଇଥିଲେ ସମସ୍ତଙ୍କର ଆଶୀର୍ବାଦ ନେବାପାଇଁ । ସମସ୍ତଙ୍କ ଠାରୁ ଆଶୀର୍ବାଦ ନେଇସାରି ଶେଷରେ ସେମାନେ ଯାଇଥିଲେ ଭାଉଜଙ୍କ ପାଖକୁ । ଅଭିଜିତ ଶରମରେ ଭାଉଜଙ୍କ ମୁହଁକୁ ଚାହିଁ ପାରିନଥିଲେ । ଭାଉଜ ହସି ହସି କହିଲେ " ତୁମ ଭଳି ତୁମ ଭାଇବି ଏମିତି ଦିନେ ଶରମ କରୁଥିଲେ, ଧୀରେ ଧୀରେ ସବୁକିଛି ଦେହସୁହା ହୋଇଯିବ । ମୋର ସବୁଦିନ ତୁମ ଦୁଇଜଣଙ୍କ ପ୍ରତି ଆଶୀର୍ବାଦ ରହିଛି । ଆଜିଠୁଁ ଅନେକ ବର୍ଷ ତଳେ ତାଙ୍କର ବାହାଘର ହୋଇଥିଲେ ବି ସେ ସମୟର କଥାଗୁଡ଼ିକ ଏବେ ବି ଭୁଲି ପାରିନାହାନ୍ତି । ଆଜି ତାଙ୍କର ମାନସୀ କନ୍ୟା ତାଙ୍କୁ ଏକାକୀ ଛାଡ଼ିଦେଇ ଚାଲିଯାଇଥିଲେ ବି ସେ ବଞ୍ଚି ରହିଛନ୍ତି ତାଙ୍କର ଅଭୁଲା ସ୍ମୃତିକୁ ନେଇ ।

ରାଜାବଗିଚା, କଟକ -୭୫୩୦୦୯
ମୋ : ୯୩୩୮୧୦୦୯୭୫/୭୯୭୮୯୨୧୧୯୯





କବିତା

# ମୁଁ ଭାବୁଛି..........

ସୁନନ୍ଦା ବିଶ୍ୱାଳ

ମୁଁ ଭାବୁଛି ! ସତେ କି ଆଉ ଏକ
ନୂଆ ସକାଳ ଆସିବ ??
କୋକିଳର କୁହୁତାନେ ମୋ ମନ ନାଚି ଉଠିବ !
ସୁନେଲି କିରଣେ ଅନ୍ଧାର ଦୂରେଇ ଯିବ,
ଅନେକ ଦିନର ଆଶା, ଆକାଂକ୍ଷାର ପ୍ରଣୟ
ଖିଆଲି ମନରେ ଭରିଥିବା ପ୍ରୀତିର ଚମକ ॥
ସତେ କି ! ତୁମେ ପୁଣି ଫେରିବ ? ?
ସେଇ ମିଠା ଜହ୍ନରାତି ନେଇ,
ତୁମ ପରଶରେ ଭାଙ୍ଗିଯିବ ଅବିଶ୍ୱାସର ପ୍ରାଚୀର
ଖୋଲିଯିବ ଭଗ୍ନକୁଟୀରର ଅନ୍ଧକାରର
ଗୋପନ ଗବାକ୍ଷ ।
ଅଭିମାନର ପଞ୍ଜୁରୀରୁ ମୁକୁଳି
ମନପକ୍ଷୀ ଉଡ଼ି ବୁଲିବ ଗାଇ ଗାଇ
ବିଶ୍ୱାସର ଜୟଗୀତି ;
ପବନରେ ବାଣ୍ଟି ହୋଇଯିବ ପ୍ରୀତିର ମହକ ॥
ସତେ ; ତୁମେ ହେବକି ! କୋଇଲିର
ପଞ୍ଚମ ତାନର ମୋ ଦରଦୀ କଣ୍ଠର ସୁର ॥
ମୋ ଦରଦୀ କଣ୍ଠର ସୁର !!
ମୋ ଦରଦୀ କଣ୍ଠର ସୁର !!

ଆଇନଜୀବି, କଟକ
ଫୋନ୍ - ୯୭୭୬୦୫୦୦୨୯
ଝାଞ୍ଜିରୀମଙ୍ଗଳା, କଟକ

କବିତା

# ବରଷକେ ଥରେ ଆସିଛି ରଜ

ଆଶା ମହାନ୍ତି





ସୂରୁଜ ଦେବତା ଗରମ ଚାହାଣୀ, ଉତ୍ତପ୍ତ ଧରଣୀ
ହେଲାଣି ନରମ ଶୀତଳ,
ନିର୍ମଳ ଆକାଶ ଶୋଭା ଦିଶେ ନୀଳ ନୀଳ,
ବିନ୍ଦୁ ବିନ୍ଦୁ ଝରେ କେବେ ବରଷା ରାଣୀ,
ଲାଜେଇ କଇଁ ଆଖି ଖୋଲି କହେ କାହାଣୀ,
ପ୍ରୀତି ଛୁଆଁ କୁଆଁରୀ ମନ,
ବୁଣେ ଗୋପନ ସପନ,
ସଜ ବାଜ ଅଭିସାର,
ରଜ ମଉଜ ଅସର,
ଅଳତା ସଜ୍ଜିତ ତରୁଣୀ ପାଦର ଛୁଆଁରେ ଧରା
ହୁଏ ପୁଲକିତ, ମନ ଉଲ୍ଲସିତ,
ଚମକ ପାନଖିଆ ରଙ୍ଗ ଅଧର......(୧)
ଟିପ ଟିପ ବରଷାରେ ଭିଜା ମନ,
କପାଳରେ ଚନ୍ଦନର ବିନ୍ଦୁ ମଝିରେ ଲାଲ
କୁଂକୁମର ଟିପା,
ପାହାନ୍ତି ସୂରୁଜ ସମାନ,
ନୟନର ଧାରେ କଜ୍ଜ୍ୱଳର ଗାର,
ଦିଶେ କଇଁର ପାଖୁଡ଼ା ପରି,
ସରମି ଗାଲରେ ଖେଳେ ଲାଜର ଭଉଁରୀ,
ରଜ ସଂକ୍ରାନ୍ତିରେ ହେଇ ସଜବାଜ ଗୋରୀ,
କହେ ସଜନୀ ଚାଲ ଯିବା ଦୋଳି ଖେଳା କରି,
ଝୁଲୁ ଝୁଲୁ ଫୁଲ ସଜା ଦୋଳିରେ,
ଯାଏ ମନ ସପନ ଆକାଶେ ଉଡ଼ି,
ଆସେ ରାଜ କୁମାର ପକ୍ଷୀରାଜ ଘୋଡ଼ା ଚଢ଼ି,
ହଜିଯାଏ କଳ୍ପନା ରାଇଜେ ବୁଡ଼ି.....(୨)
ରଜରେ ମନେ ହୁଏ ମା ହାତରେ ଅଛି କି କୁହୁକ,
ପୋଡ଼ପିଠାରେ ବି ଆସେ ତାରି ହାତର ମହକ,
ମିଠା ପାନ ଖାଇ ରଙ୍ଗି ଯାଏ ଯେ ଅଧର,
ବରଷକେ ଥରେ ଆସେ ମଉଜ ରଜର...(୨)
ନୀଳ ନୀଳ ଆକାଶରେ ପହିଲି ଆଷାଢ ମେଘ,
ମୟୂର ବି ନାଚେ ତାଳେ ତାଳେ ଦେଖି ବାଦଲ ସୁହାଗ,
ଧରଣୀ ରାଣୀ ବି ହସି ଉଠେ ଫୁଲ ଓ ପତରେ,
ବସୁମତି ସ୍ନାନ ପୂଜା କରି ବସେ ଗପର ଆସର ରଜ
ଶେଷ ଦିନରେ,
ରଜ ଆସେ ଚାଲିଯାଏ ଭରିଦେଇ ମନରେ ନିରାଶା,
ବରଷକ ପରେ ଆସିବ ପୁଣି ସେ ଦେଇଯାଏ ଆଶା,
ଭିନ୍ନ ଭିନ୍ନ ପୋଡ଼ପିଠା ପାନ ଦିଆ ନିଆ ଛଳରେ
ବାନ୍ଧି ଦିଏ ବନ୍ଧୁ ବାନ୍ଧବର ଭାବ,
ସମାଜରେ ଖେଳିଯାଏ ପୂର୍ବ ପରି ସୁଖଦ ସୌହାର୍ଦ୍ଦ୍ୟ..

ବାଙ୍ଗାଲୋର

କବିତା

# ଅସ୍ତରାଗ

ଡଃ. ବିଜୟଲକ୍ଷ୍ମୀ ତାରେଣିଆ



ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର
ଚାହିଁଲେ ପାଉନାହିଁ ଆଖି
ଖଜୁରି ଗଛର ଛାଇରେ
ବସିଛି ମୋ ମନର
ସୁକୁମାର କ୍ଳାନ୍ତ ନୀଳପକ୍ଷୀ
ନୀଳ ତା'ର ଡ଼େଣା ଦୁଇଟିରେ
ପରିଶ୍ରାନ୍ତ ବାଟୋଇର ଥକାମରା ଭାବ
ନୀଳ ତା'ର ଥଣ୍ଟିରେ ଅନାଦି ଯୁଗର ତୃଷ୍ଣା
କୋମଳ ନିରୀହ ଆଖିରେ
ତା'ର ହାରିବାର ଅନେକ ଯନ୍ତ୍ରଣା ।
ଉପରେ ସୁନୀଳ ଆକାଶ
ଭାସି ବୁଲେ ଧୂସର ବାଦଲ
ତଳେ ସୈକତର ଶେଯ
ଉତ୍ତପ୍ତ ସେ ସାହାରା ଭୂଇଁରେ
ଏକା ଏକା ଉଡ଼ିବାକୁ
ଝାଞ୍ଜି ସେଇ ଗରମ ପବନରେ
ଡ଼ରୁଥିଲା ଧନ ମୋର ତଥାପି ସେ ଉଡୁଥିଲା
ପାଇବାକୁ ଧାପେ ତା'ର ସ୍ନେହ ସ୍ପର୍ଶ ।
ଆଃ ନୀଳପକ୍ଷୀ ମୋର
ଆଦରର ଧନ ମୋର କରିଥିଲା ପ୍ରେମ
ତତେ ଦିନେ ମରୀଚିକା
ସେ ତ ନ ଥିଲା ପ୍ରେମ



ଥିଲା ନିଛକ ଛଳନା
ତା' ପ୍ରେମରେ ମତ୍ତ ହୋଇ
ଉଡ଼ିଗଲୁ ତୁ ଭୁଲିଲୁ ନିଜକୁ
ହେଲୁ ପ୍ରତାରିତା ସେ ସିନା ମିଥ୍ୟା
ଏକ ଅସତ୍ୟ ଭୂମିକା
ତୁ କିନ୍ତୁ ଜୀବନ ମୋର
ନୀଳ ତୋର ନରମ ଡ଼େଣାରେ
ସଞ୍ଚିତ ସୂକ୍ଷ୍ମ ମୋର ଯେତେକ ସମ୍ପତ୍ତି ।
ଚାଲିଯାଉ ମରୀଚିକା
କ୍ଲାନ୍ତିରେ ବସି ପଡ଼ି ତୁ କର ନାହିଁ ଦୁଃଖ
ଜଣା ନାହିଁ ସମସ୍ତଙ୍କୁ
ତୁ ଯେ ନିର୍ଯ୍ୟାତିତା ପୀଡ଼ିତା
ଅବା ଦେଖାନା ଦୁନିଆକୁ
ତୋ ହୃଦୟର ଶୂନ୍ୟତା ।
ଏତିକି ଭାବିବୁ ଏ ସାହାରା ଭୂମିରେ
ଖୋଜୁଛୁ ତୁ ମରୁ ଝରଣା
ଯା'ର ଥଣ୍ଡା ନିର୍ମଳ ଜଳ
ଧୋଇ ଦେଇଥା'ନ୍ତା ତୋ ଅନନ୍ତ ତୃଷ୍ଣା
ଯା'ର ଚାରିପାଶେ ଘଞ୍ଚ ସବୁଜିମା
ପବନରେ ଖେଳିବୁଲେ ତା'ର
ମହମହ ଜାତିଜାତି ଅସଂଖ୍ୟ
ଅନାମିକା ଫୁଲର ବାସନା ।

କବିତା

# ହେ ସମୟ

ସୂର୍ଯ୍ୟମଣୀ ପୃଷ୍ଟି



ହେ ସମୟ
ତୁ ଚୋରାଇ ନେଇଛୁ
ମୋର ବିଭିନ୍ନ ସତ୍ତାକୁ
ସେଥିପାଇଁ ଦୋଷାରୋପ
କଲେ ତୁ ଫେରାଇ ଦେଇକି
ପାରିବୁ ସେ ମୁହୂର୍ତ୍ତକୁ

ଜନ୍ମ ହେଲାପରେ ମୁଁ ହେଲି
ପିତା ମାତାଙ୍କର, ଜଗତ ଜାଣନ୍ତି
ମୁଁ ହିଁ ତାଙ୍କର କନ୍ୟା ରୂପରେ
ମୋ ବାଲ୍ୟ, କୈଶୋର ସୁନ୍ଦର ସୁଢଳ
ଚପଳ ଛନ୍ଦରେ ଗଲା ବହି
କାହାର ହେଲି ମୁଁ ଭଗିନୀ
ଆଉ କିଏ ହେଲା ମୋର ଭାଇ

ଯୌବନ ଆସି ପ୍ରକଟିଗଲା
ତନୁ ମନକୁ ମୋ ମୋହି
ହେ ସମୟ
ମୋହିତ ମନେ ତୋତେ ମୋ
ପଛେ ଦେଖି ପାରଇ ନାହିଁ

ଯୌବନେ ମୋତେ ସମର୍ପି
ଦେଲେ ଅଜଣା ପୁରୁଷ ହାତେ
ସେ ହିଁ ହେଲା ମୋର ଜୀବନସାଥି
ମୁଁ ଜାୟା ରୂପରେ ପ୍ରକଟେ
ଜାୟାରୁ ମୁଁ ଜନନୀ ହେଲି
ପୁତ୍ର କନ୍ୟା ମୋହର, ତାଙ୍କରି
ମା' ଡ଼ାକରେ ମୋର ପୂରିଗଲା ଅନ୍ତର
ହେ ସମୟ
ତଥାପି ତୋତେ ଦେଖି ପାରିଲି ନାହିଁ
ତୁ କିନ୍ତୁ ଚାଲୁ ଲୁଚିଲୁଚିକା
ମୋହରି ଛାଇ ହୋଇ

ମା'ରୁ ହେଲି ଜେଜେମା' ମୁହିଁ
ଏଥର ଚେହେରା ଦେଖାଉ ତୁହି
ହେ ସମୟ କିଛି ମୁହୁର୍ତ୍ତ ରହି ଯା
ଅନେକ କାର୍ଯ୍ୟ ସଂସାରେ
ଅଛି ମୋର କରିବା ପାଇଁ

ଜାଣେ ମୁଁ ତୁ ରହିବୁ ନାହିଁ
ଚାଲୁ ଥିବୁ ଅବିରତ
କାହାର ଜନ୍ମ, ମରଣେ ଅବା
କି ଥାଏ ତୋହର ଦୁଃଖ ।



ପୁରାଣ ପୃଷ୍ଠାରୁ

# ଯାହାକୁ ରଖିବେ ଅନନ୍ତ

ଡ. ପ୍ରଭାତୀ ମିଶ୍ର

ଈଶ୍ୱର ସବୁବେଳେ ପ୍ରାଣୀମାନଙ୍କ ଆର୍ତ୍ତ ବାଣୀକୁ ଅନେଇ ଥାଆନ୍ତି । ତାଙ୍କ ଭକ୍ତ କେତେବେଳେ ବି ଅସୁବିଧାରେ ପଡ଼ିଲେ, ସେ ଖୁବ୍ ଶୀଘ୍ର ତାର ପ୍ରତିକାର କରିଥାଆନ୍ତି । ଯେପରି ଦ୍ୱାପର ଯୁଗରେ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କର ଚକ୍ରବ୍ୟୂହରୁ ବାହାରି ନପାରି ସପ୍ତରଥୀଙ୍କ ଆକ୍ରମଣରେ ମୃତ୍ୟୁ ହେବାରୁ ପାଣ୍ଡବ ବଂଶର ଶେଷ ସନ୍ତାନ ଥିଲେ ପରୀକ୍ଷିତ । ମାତା ଉତ୍ତରାଙ୍କ ଗର୍ଭରୁ କିପରି ତାଙ୍କୁ ନଷ୍ଟ କରାଯିବ ସେଥିପାଇଁ ଦ୍ରୋଣଙ୍କ ପୁତ୍ର ଅଶ୍ୱତ୍ଥମା ଅସ୍ତ୍ର ପଠାଇବା ବେଳେ ମାତାଙ୍କ ଆତୁର ପ୍ରାର୍ଥନା ଶୁଣି ବିଷ୍ଣୁ ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ର ପଠାଇ ତାଙ୍କ ଗର୍ଭକୁ ସୁରକ୍ଷା ପ୍ରଦାନ କଲେ । ପାଣ୍ଡବଙ୍କ ଶତ୍ରୁ ଅଶ୍ୱତ୍ଥମା ବିଷ୍ଣୁଙ୍କ ନିକଟରେ ବିଫଳ ହେଲେ । ପରୀକ୍ଷିତ ବଞ୍ଚିରହି ପାଣ୍ଡବ ବଂଶର ଉତ୍ତରାଧିକାରୀ ଭାବେ ରାଜ୍ୟ ଶାସନ କରି ଶେଷରେ ଶ୍ରୀକୃଷ୍ଣଙ୍କ କଥା ଶୁଣି ଦେହତ୍ୟାଗ କଲେ ଯାହା କି ଭକ୍ତ ଜଗନ୍ନାଥ ଦାସଙ୍କ ରଚିତ 'ଶ୍ରୀମଦ୍ ଭାଗବତ'ରେ ଆମେ ପଢିଥାଉ ।

ସନ୍ଥ ବଳରାମ ଦାସ ତାଙ୍କ 'ମୃଗୁଣୀ ସ୍ତୁତି'ରେ ଲେଖିଛନ୍ତି କିପରି ଈଶ୍ୱର ଏକ ମୃଗୁଣୀର ବିକଳ ପ୍ରାର୍ଥନା ଶୁଣି ତା ସନ୍ତାନଙ୍କୁ ମୃତ୍ୟୁମୁଖରୁ ରକ୍ଷାକଲେ । ଦିନେ ଏକ ମୃଗୁଣୀ ଆନନ୍ଦରେ ତା ଛୁଆ କେଉଁବାଟ ମଧଦେଇ ଖସି ଯାଇ ପାରିବନି । ଏତେ ବ୍ୟବସ୍ଥା ମଧରେ ହରିଣୀ ଦେଖିଲା ତାର ମୃତ୍ୟୁ ସୁନିଶ୍ଚିତ । ଯେକୌଣସି ଉପାୟ ନ ପାଇ ଈଶ୍ୱରଙ୍କୁ ବିକଳ ହୋଇ ପ୍ରାର୍ଥନା କଲା, 'ଯେ ଭଗବାନ, ଆଜି ମୋ ସନ୍ତାନମାନଙ୍କୁ ବିପଦରୁ ରକ୍ଷାକର । ତୁମ କୃପା ବିନା ଆମର ବଞ୍ଚିବା ଅସମ୍ଭବ ।'





ଈଶ୍ୱର ମୃଗୁଣୀର ଡ଼ାକ ଶୁଣିଲେ । ସେ ପ୍ରଥମେ ମେଘ ଦେବତାଙ୍କୁ ନିର୍ଦ୍ଦେଶ ଦେଲେ ବର୍ଷା ହୋଇ ବଣର ଅଗ୍ନିକୁ ଲିଭାଇବାକୁ। ହଠାତ୍ ଦେଖାଗଲା ଘଡ଼ଘଡ଼ି ମାରି ବର୍ଷା ହୋଇ ବନାଗ୍ନି ଲିଭିଗଲା । ବ୍ୟାଧ ମଧ୍ୟ ପ୍ରାଣ ବିକଳରେ ଧାଇଁ ପଳାଇଲା । ସେ କୌଣସି ଉପାୟ ନ ପାଇ ଈଶ୍ୱରଙ୍କୁ ବିକଳ ହୋଇ ପ୍ରାର୍ଥନା କଲା, 'ହେ ଭଗବାନ, ଆଜି ମୋ ସନ୍ତାନମାନଙ୍କୁ ବିପଦରୁ ରକ୍ଷାକର । ତୁମକୃପା ବିନା ଆମର ବଞ୍ଚିବା ଅସମ୍ଭବ ।'

ଈଶ୍ୱର ମୃଗୁଣୀର ଡ଼ାକ ଶୁଣିଲେ । ସେ ପ୍ରଥମେ ମେଘ ଦେବତାଙ୍କୁ ନିର୍ଦ୍ଦେଶ ଦେଲେ ବର୍ଷା ହୋଇ ବଣର ଅଗ୍ନିକୁ ଲିଭାଇବାକୁ । ହଠାତ୍ ଦେଖାଗଲା ଘଡ଼ଘଡ଼ି ମାରି ବର୍ଷା ହୋଇ ବନାଗ୍ନି ଲିଭିଗଲା । ବ୍ୟାଧ ମଧ୍ୟ ପ୍ରାଣ ବିକଳରେ ଧାଇଁ ପଳାଇଲା । ସେ ଭାବିଲା, 'ବାପ୍‌ରେ ବାପ, କି ବର୍ଷା, ଆପେ, ବଞ୍ଚିଲେ ବାପର ନାଁ, ତେଣୁ 'ଯଃ ପଳାୟତି ସଃ ଜୀବତି ନ୍ୟାୟରେ ସେ ଜଙ୍ଗଲରୁ ବାହାରିଗଲା । ଏହିପରି ମୃଗୁଣୀ ତା ନିଷ୍ଠାର ସହ ପ୍ରାର୍ଥନା ବଳରେ ଈଶ୍ୱରଙ୍କ ସାହାଯ୍ୟରେ ପିଲାଙ୍କୁ ନେଇ ସୁରକ୍ଷିତ ସ୍ଥାନକୁ ପଳାଇଲା । ସତରେ 'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ' ?

ଅନ୍ୟ ଏକ ଉଦାହରଣରୁ ଆମେ ଶିକ୍ଷା ଲାଭ କରୁ କିପରି ପ୍ରାର୍ଥନା ବଳରେ ପ୍ରାଣୀ ବିପଦରୁ ଉଦ୍ଧାର ପାଇଥାଏ । ଦିନେ ଗୋଟିଏ ହାତୀ ବଣରେ ବୁଲି ବୁଲି ଶୋଷ ଲାଗିବାରୁ ପାଣି ପିଇବାକୁ ନଦୀ ଭିତରକୁ ପଶିଲା । ସେ ଜାଣି ନଥିଲା ଯେ ସେହି ନଦୀରେ ଏକି ବିରାଟ କୁମ୍ଭୀର ରହୁଥିଲା । କୁମ୍ଭୀର ଲୁଚିକରି ଥାଏ, ପାଣି ଭିତରେ ବୁଡ଼ିଥିବାରୁ ସେ କାହାକୁ ଦେଖାଯାଏନାହିଁ । କେହି ଯଦି ପାଣିକୁ ଆସିଲା ସେ ତା' ଗୋଡ଼କୁ ଧରି ଟାଣି ଟାଣି ନଦୀ ଭିତରକୁ ନେଇଯାଏ । ତା' ମୁନିଆ ଦାନ୍ତରେ ତା' ଶୀକାରକୁ କାମୁଡ଼ି ସେ କ୍ଷତିବିକ୍ଷତ କରିଦିଏ । କୁମ୍ଭୀର ଆକ୍ରମଣରୁ ଉଦ୍ଧାର ପାଇବା ଅସମ୍ଭବ । ତେଣୁ ହାତୀ ଦେଖିଲା କୁମ୍ଭୀର ତାକୁ ଛାଡ଼ିବନି, ତେଣୁ ସେ ବିକଳ ହୋଇ ବିଷ୍ଣୁଙ୍କୁ ପ୍ରାର୍ଥନା କଲା ନିଷ୍ଠୁର କୁମ୍ଭୀର କବଳରୁ ତାକୁ ରକ୍ଷା କରିବାକୁ । ବିଷ୍ଣୁଙ୍କୁ ଲାଗିଲା କେହି ଭକ୍ତ ତାଙ୍କୁ ବିପଦରେ ପଡି ଡ଼ାକୁଅଛି । ତେଣୁ ଶରଣ ପଶିବା ପ୍ରାଣୀକୁ ରକ୍ଷା କରିବା ଧର୍ମ ନ୍ୟାୟରେ ସେ ସଂଗେ ସଂଗେ ତାଙ୍କ ସୁଦର୍ଶନ ଚକ୍ରକୁ ପଠାଇଲେ କୁମ୍ଭୀରକୁ ମାରି ହାତୀକୁ ରକ୍ଷା କରିବାକୁ । ସୁଦର୍ଶନ ପ୍ରଭୁଙ୍କ ଆଜ୍ଞାମାନି ତତ୍‌କ୍ଷଣାତ୍ କୁମ୍ଭୀରର ବେକ କାଟିଦେଲା । କୁମ୍ଭୀର ପାଟିରୁ ହାତୀର ଗୋଡ଼ ବାହାରି ଆସିଲା । ହାତୀ ତା ପ୍ରଭୁଙ୍କୁ ବାରମ୍ବାର ପ୍ରଣାମ କରି କୃତଜ୍ଞତା ପ୍ରକାଶ କଲା ଓ ସେ ହୃଦୟଙ୍ଗମ କଲା ଯେ 'ହରି ରଖେ ମାରେ କିଏ'।

ମହାଭାରତ କାବ୍ୟରେ ବର୍ଣ୍ଣିତ ଦ୍ରୌପଦୀଙ୍କୁ ବିପଦରୁ ଉଦ୍ଧାର କରିବା କଥା ପଢି ଆମେ ଜାଣୁ ଈଶ୍ୱର କେତେ ଦୟାଳୁ ଓ ପ୍ରାର୍ଥନାର ଶକ୍ତି କେତେ ବଡ଼ । ପାଞ୍ଚାଳ ରାଜା ଦ୍ରୁପଦ ଯଜ୍ଞ କରି ଅଗ୍ନିରୁ ପ୍ରଥମେ ତାଙ୍କର ଧୃଷ୍ଟଦ୍ୟୁମ୍ନ ନାମକ ପୁତ୍ର ସନ୍ତାନ ଲାଭ କଲେ । ଏହାପରେ ତାଙ୍କର ଏକ ଅସାମାନ୍ୟ ସୁନ୍ଦରୀ ତଥା ସାହସୀ କନ୍ୟା ଜନ୍ମ ହେଲା ଯାହା ନାମ ଦ୍ରୌପଦୀ ଦିଆଗଲା ।

କୃଷ୍ଣା ଦେଖିବାକୁ କୃଷ୍ଣ ବର୍ଣ୍ଣର ଓ ଶ୍ରୀକୃଷ୍ଣଙ୍କୁ ସେ ବହୁତ ଭକ୍ତି କରୁଥିଲେ । ତାଙ୍କୁ କୃଷ୍ଣା ନାମ ଦିଆଯାଇଥିଲା ।

ଦ୍ରୌପଦୀ ପଞ୍ଚ ପାଣ୍ଡବଙ୍କୁ ବିବାହ କରି ତାଙ୍କ ସୁଖଦୁଃଖର ସାଥୀ ହୋଇ ଚଳୁଥିଲେ । ଦିନେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ପଶାଖେଳରେ ପରାଜୟ ସ୍ୱୀକାର କରି ସ୍ତ୍ରୀ ଦ୍ରୌପଦୀଙ୍କୁ ବାଜି ଲଗାଇଥିଲେ । ତେଣୁ ଭରା ରାଜସଭାରେ ଦୁର୍ଯ୍ୟୋଧନର ଆଦେଶରେ ଭାଇ ଦୁଃଶାସନ ଦ୍ରୌପଦୀଙ୍କ କେଶ ଆକର୍ଷଣ କରି ଗୁରୁଜନମାନଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ । କୃଷ୍ଣାଙ୍କର ପାଞ୍ଚଜଣ ପ୍ରବଳ ପରାକ୍ରମୀ ସ୍ୱାମୀମାନେ ଥିଲେ ମଧ୍ୟ ସମସ୍ତେ ମୁଣ୍ଡ ପୋତିକି ରହିଥିଲେ । ଦ୍ରୌପଦୀ ସେମାନଙ୍କ ଅସହାୟ ଅବସ୍ଥା ଦେଖି ସେମାନଙ୍କୁ ଭର୍ତ୍ସନା କଲେ । ଗୁରୁ କୃପାଚାର୍ଯ୍ୟ, ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ ସଭାରେ ଥାଇ ମଧ୍ୟ ଯୁବରାଜ ଦୁର୍ଯ୍ୟୋଧନର ଅନ୍ନରେ ପ୍ରତିପୋଷଣ ପାଇଥିବାରୁ ସେମାନେ ବାଧହୋଇ ନୀରବଦ୍ରଷ୍ଟା ହୋଇଥାନ୍ତି । ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ଅସହାୟ ଅବସ୍ଥାରେ ଥିବାବେଳେ ସେ ଦେଖିଲେ କେହି ତାଙ୍କୁ ବିପଦରୁ ରକ୍ଷା କରିପାରିବେନି । ନିରୁପାୟ ହୋଇ ସେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦୁଇ ହାତ ଟେକି ପ୍ରାର୍ଥନା କଲେ, "ହେ କୃଷ୍ଣ, ତମ ବିନା ମୋର କେହି ସାହା ନାହିଁ, ଏ ବିପଦରୁ ମତେ ରକ୍ଷା କର' । ସମସ୍ତେ ଦେଖିଲେ ଏକ ଅଦ୍ଭୁତ କାଣ୍ଡ । ଲୁଗା ପରେ ଲୁଗା ଗଦା ହୋଇଯାଇଥାଏ । ଦ୍ରୌପଦୀଙ୍କ ଲଜ୍ଜା ନିବାରଣରେ କୈଣସି ବାଧା ନ ଥିଲା । ଦୁଃଶାସନ ତାଙ୍କ ଲୁଗା ଟାଣି ଟାଣି ହାଲିଆ ହୋଇ ଶେଷରେ ତଳେ ବସିପଡ଼ିଲା । ପର୍ବତ ପ୍ରମାଣ ବସ୍ତ୍ର ଗଦା ହୋଇଗଲା, କିନ୍ତୁ ସେ ଦ୍ରୌପଦୀଙ୍କୁ ବିବସ୍ତ୍ର କରିପାରିଲାନି । ଯାହାପାଇଁ ସ୍ୱୟଂ ଶ୍ରୀକୃଷ୍ଣ ରକ୍ଷାକବଚ ହୋଇଥାଆନ୍ତି, ତାଙ୍କୁ କିଏ ପରାସ୍ତ କରିପାରିବ ? ଦ୍ରୌପଦୀ ପ୍ରଭୁ କୃଷ୍ଣଙ୍କୁ ପ୍ରଣାମ କରି ତାଙ୍କ କୃତଜ୍ଞତା ପ୍ରକାଶ କଲେ । ଏପରି ଘଟଣାମାନ ପ୍ରମାଣ କରନ୍ତି ଯେ ଈଶ୍ୱର ଆର୍ତ୍ତଧ୍ୱନୀ ଶୁଣି ଚୁପ ରହିପାରନ୍ତି ନାହିଁ । ସେଥିପାଇଁ ସେ ପ୍ରତିକାର ପାଇଁ ଉଚିତ୍ ପଦକ୍ଷେପ ନେଇଥାଆନ୍ତି । କଥାରେ ଅଛି,

ହରି ମାରେ ରଖେ କିଏ ?
ହରି ରଖେ ମାରେ କିଏ ?

୬୪୯, ମହାନଦୀ ବିହାର, କଟକ
ମୋ: ୯୪୩୭୦୨୪୪୭୮



ଭ୍ରମଣ କାହାଣୀ

# ଆଣ୍ଡାମାନ ନିକୋବର ଆଇଲାଣ୍ଡ ଏକ ସିଂହାବଲୋକନ

ଡ.କମଳାକାନ୍ତ କର

ଆଣ୍ଡାମାନ ନିକୋବର ଆଇଲାଣ୍ଡର ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବାକୁ ସମସ୍ତଙ୍କ ମନରେ ନିଶ୍ଚିତ ଭାବରେ ଏକ ଆଗ୍ରହ ସୃଷ୍ଟି କରିଥାଏ ମାତ୍ର ଏହା ସମସ୍ତଙ୍କ ଭାଗ୍ୟରେ ଜୁଟିନଥାଏ । ଏହା ପ୍ରକୃତିର ଏକ ଅନବିଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ସହରର ଚତୁଃପାର୍ଶ୍ୱରେ ସମୁଦ୍ର ବିଦ୍ୟମାନ । ସେଥିପାଇଁ ଉକ୍ତ ସହରର ନାମ କଳାପାଣି ଆଖ୍ୟା ଦିଆଯାଇଥିଲା । ବର୍ତ୍ତମାନ ସ୍ଥିତିରେ ଏହା ଭାରତବର୍ଷର ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ସୁନାମ ଅର୍ଜନ କରିପାରିଛି । ପ୍ରତିବର୍ଷ ଏଠାକୁ ସମଗ୍ର ଭାରତ କାହିଁକି ପୃଥିବୀର ପ୍ରାୟ ଦେଶରୁ ପ୍ରକୃତିପ୍ରେମୀ ପର୍ଯ୍ୟଟକମାନେ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରିବା ପାଇଁ ଆସିଥାନ୍ତି । ଏହି ସ୍ଥାନଟିକୁ ବୁଲି ଦେଖିବାକୁ ମୁଁ ଏବଂ ମୋ ସହିତ ଚାରିଜଣ ବନ୍ଧୁମିଶି ଏକ ଯୋଜନା ପ୍ରସ୍ତୁତ କଲୁ ଯେ ମେ ମାସ ୨ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ବୁଲିବାକୁ ଯିବୁ । ଏହା ମଧ୍ୟ କାର୍ଯ୍ୟକାରୀ ହେଲା । ଆମର ଜଣେ ବନ୍ଧୁ ଅଞ୍ଜନ କୁମାର ବାନାର୍ଜି ଯିଏ କି କଲିକତାର ଜଣେ ବ୍ୟବସାୟିକ ବନ୍ଧୁ ସେ ବହୁଦିନ ପୂର୍ବରୁ ଯିବା ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ । କଟକରୁ ମୁଁ ଏବଂ ମୋର ଆଉ ଦୁଇଜଣ ବନ୍ଧୁ ଯଥା ମହେଶ ପଟେଲ ଏବଂ ଚୈତନ୍ୟ ବେହେରା ମେ ୨ ତାରିଖ ଦିନ କଲିକତାରେ ପହଞ୍ଚିଲୁ । ସେଠାରେ ବନ୍ଧୁ ଅଞ୍ଜନ କୁମାର ବାନାର୍ଜି ଏବଂ ତାଙ୍କର ବନ୍ଧୁ ଭୀମ ସିଂ ସେଠାରେ ଉପସ୍ଥିତ ଥିଲେ । ୩ ତାରିଖ ଦିନ ସକାଳ ୬ଟା ସମୟରେ କଲିକତା ବିମାନ ବନ୍ଦରରୁ ଇଣ୍ଡିଗୋ ବିମାନରେ ଯାତ୍ରା ଆରମ୍ଭ କରି ମାତ୍ର ୨ ଘଣ୍ଟା ମଧ୍ୟରେ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ପହଞ୍ଚିଲୁ । ସେଠାରୁ ହୋଟେଲ DA BAY/NN ରେ ପହଞ୍ଚି ନିତ୍ୟକର୍ମ ଏବଂ










ଖାଇସାରିବା ପରେ ସ୍ଥାନୀୟ କିଛି ସମୁଦ୍ର ବେଳାଭୂମୀ ବୁଲିବାକୁ ଗଲୁ । ସେଠାରେ ଏକ ଐତିହାସିକ Flag Point ଦେଖିଲୁ ଯେଉଁଠି ସୁବାସ ଚନ୍ଦ୍ର ବୋଷ ୧୯୪୩ ମସିହାରେ ପ୍ରଥମ କରି ଭାରତର ଜାତୀୟ ପତାକା ଉତ୍ତୋଳନ କରି ଭାରତ ସାଧୀନତାର ମୂଳଦୁଆ ସ୍ଥାପନ କରିଥିଲେ ଯାହାଦ୍ୱାରା କି ସେଠାର ଅଧିବାସୀମାନଙ୍କ ମନରେ ଏକ ନୂତନ ଭାବନା ସୃଷ୍ଟିକରି ପାରିଥିଲା । ତା'ପରେ ସେଠାର ପ୍ରସିଦ୍ଧ ଐତିହାସିକ ସେଲୁଲାର ଜେଲ ପରିଦର୍ଶନ କଲୁ ଏବଂ ସନ୍ଧ୍ୟାରେ ଲାଇଟ୍ ଆଣ୍ଡ ସାଉଣ୍ଡର କାର୍ଯ୍ୟକ୍ରମକୁ ଉପଭୋଗ କରି ଇଂରେଜମାନେ କିଭଳି ଭାରତୀୟମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ ଏବଂ ସେଠାର ନେତା ବୀରସବରକର ଯାହାଙ୍କ ନାମରେ Airport ନାମିତ ହୋଇଛି ସେ କିପରି ନିର୍ଯ୍ୟାତିତ ହୋଇ ସହିଦ ହୋଇଥିଲେ ସେ ବିଷୟରେ ଅବଗତ ହେଲୁ । ତା' ପରଦିନ ଆମେ ସେଠାକାର ହାବଲକ୍ ଥାଇଲାଣ୍ଡକୁ ଜାହାଜରେ ଯାତ୍ରା ଆରମ୍ଭ କଲୁ ଯାହାକି ସମୁଦ୍ରର ନୀଳଜଳରାଶୀ ମଧ୍ୟରେ ଅତ୍ୟନ୍ତ ଉପଭୋଗ ଥିଲା । ଜାହାଜ ମଧ୍ୟରେ ଜୁସ୍ ଏବଂ ଜଳପାନର ବ୍ୟବସ୍ଥା ମଧ୍ୟ ଥିଲା ।



ସେଠାରେ White Caral Beach Resort ନାମରେ ଏକ ହୋଟେଲରେ ଆମ୍ଭେ ରାତ୍ରିଯାପନ କଲୁ ଯାହାକି ଅତ୍ୟନ୍ତ ମନୋରମ ପରିବେଶ ମଧ୍ୟକୁ ସୁସ୍ୱାଦୁ ଖାଦ୍ୟପେୟର ବ୍ୟବସ୍ଥା ଥିଲା । ସେଠାରୁ ଅନ୍ୟସ୍ଥାନ ଗୁଡ଼ିକୁ ଶକ୍ତିଚାଳିତ ବୋଟ୍ ଗୁଡ଼ିକରେ ଅତି ସତର୍କତାର ସହିତ ଚଢିବାକୁ ଏବଂ ଓହ୍ଲାଇବାକୁ ପଡୁଥିଲା । ସେଠାକାର ଲୋକମାନେ ଅତ୍ୟନ୍ତ ସରଳ ଓ ବିଶ୍ୱାସୀ ମଧ୍ୟ । ତା'ପରଦିନ ଆମେ ଆଉଗୋଟେ ଆଇଲାଣ୍ଡ ବୁଲିବାକୁ ଗଲୁ ଯାହାକି ନିଲ ଆଇଲାଣ୍ଡ ନାମରେ ପରିଚିତ । ସେଠାରେ ଲୋକସଂଖ୍ୟା ବହୁତ କମ୍ ହୋଇଥିବାରୁ ଏହାର କାରଣ ମୁଁ ଖୋଜି ବାହାର କଲି ଯେ ୨୦୦୩ ମସିହାରେ ସେଠାରେ ଏକ ସୁନାମୀ ଆସିଥିଲା ଯାହାଦ୍ୱାରାକି ବହୁତ ଲୋକଙ୍କର ପ୍ରାଣହାନୀ ଘଟିଥିଲା ଏବଂ ଯେଉଁ ଅଳ୍ପ ଲୋକ ଜୀବିତ ଥିଲେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦି ମାଗଣାରେ ଜାଗା ବଣ୍ଟନ କରି ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରିଥିଲେ । ସେମାନେ ମଧ୍ୟ ସେଠାକାର ପର୍ଯ୍ୟଟନସ୍ଥଳୀର ଆବଶ୍ୟକତା ଅନୁସାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ତା'ପରଦିନ ଆହୁରି କିଛି ଆଇଲାଣ୍ଡ ଯଥା- ଭରତପୁର ବିଚ୍, ରାଧାନଗର ବିଚ୍, ଏଲଫାଣ୍ଟ ବିଚ୍, କୋରାଲ୍ ଆଇଲାଣ୍ଡ ଇତ୍ୟାଦି ପରିଦର୍ଶନ କରି ସମୁଦ୍ର ଭିତରେ ଖେଳର ମଜା ମଧ୍ୟ ନେଲୁ । ସେଠାରେ ସମୁଦ୍ରର ବାଲି ଅତି ଧଳା ଏବଂ ପରିଷ୍କାର ଅଟେ । ସେଠାରେ ରାତ୍ରିଭୋଜନ ପାଇଁ ଆମେ କ୍ରୁଜ ପାର୍ଟିର କାର୍ଯ୍ୟକ୍ରମରେ ସାମିଲ ହେଲୁ ଯାହାକି ଜାହାଜର ଚଳନ୍ତି ଅବସ୍ଥାରେ ସମସ୍ତ ପ୍ରକାର ନାଚ, ଗୀତ କାର୍ଯ୍ୟକ୍ରମ ସହିତ ସୁସ୍ୱାଦୁ ଖାଦ୍ୟପେୟର ବ୍ୟବସ୍ଥା ହୋଇଥିଲା ।

ଯାତ୍ରାର ଶେଷ ଦିନରେ ଆମ୍ଭେ ସକାଳ ୯ଟା ସମୟରେ ପୋର୍ଟ ବ୍ଲେୟାରରୁ ଏକ ନୂତନ ସ୍ଥାନ ବାରାଟନ୍ ଯାତ୍ରା ଆରମ୍ଭ କଲୁ । ମାତ୍ର ୫୦ କି.ମି ଗଲାପରେ ଏକ ପୋଲିସ ଚେକ୍ ପୋଷ୍ଟ ପଡ଼ିଲା






ସେଠାରେ ସବୁ ଗାଡ଼ି ଗୁଡ଼ିକୁ ଉପଯୁକ୍ତ ଚେକିଙ୍ଗ୍ କରି ସମସ୍ତଙ୍କର ପରିଚୟ ପତ୍ର ଅନୁଧ୍ୟାନ କଲା ପରେ ଅତି ସତର୍କତାର ସହ ଗାଡ଼ିକୁଡ଼ିକ ଛଡ଼ାଗଲା । କାରଣ ରାସ୍ତାରେ ଗଲାବେଳେ ବାଟରେ ଦାରୁଆ ନାମକ ଏକ ଜନଜାତିମାନେ ସେଠାରେ ରୁହନ୍ତି ଯାହାକି ଅତ୍ୟନ୍ତ ହିଂସ୍ର ମନୋଭାବର ଲୋକ ଏବଂ ସେମାନେ ମଣିଷ ମାଂସ ମଧ୍ୟ ଖାଆନ୍ତି । ସେମାନଙ୍କର ଉନ୍ନତି ବିଧାନ ପାଇଁ ସରକାର ଯଥେଷ୍ଟ ଚେଷ୍ଟା କରୁଛନ୍ତି । ଆମ୍ଭେ ଦିନ ୧୨ଟା ବେଳେ ବାରାଟନରେ ପହଞ୍ଚିଲୁ ଏବଂ ଜାହାଜରେ ଆରପଟକୁ ଗଲୁ । ଜାହାଜରେ ବସ୍, ଟ୍ରକ, କାର ଇତ୍ୟାଦି ଭାରିଯାନ ଗୁଡ଼ିକ ମଧ୍ୟ ପାରିହେଉଥିଲା । ସେଠାରେ ପ୍ରାୟ ୨ କି.ମି. ପାଦରେ ଚାଲି ଚାଲି ଏକ ସ୍ଥାନରେ ପହଞ୍ଚିଲୁ ଯାହାକି ପ୍ରକୃତିର ଏକ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବନାହିଁ ସେଠାରେ ମହୁଫେଣା ଭଳି ପାହାଡ଼ ଗୁଡ଼ିକ ବିରାଟ ଆକାରରେ ବଢୁଥାଏ ଏଠାରେ ବିଭିନ୍ନ ପ୍ରକାର କଳାକୀର୍ତ୍ତିମାନ ସ୍ଥାନ ପାଇଥାଏ ଯଥା- ଗଦା, ହାତୀ, ଶଙ୍ଖ ଇତ୍ୟାଦି ଏହାର ରଙ୍ଗ ମଧ୍ୟ ଧଳା ଅଟେ । ଏହାର ଚତୁପାର୍ଶ୍ୱ ମଧ୍ୟ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଅଟେ । ଏଠାରେ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । ସେଠାରେ ଯିବା ଆସିବା କେବଳ ଜାହାଜ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏହି ଜାଗା ବିଷୟରେ ଆମ୍ଭେ ସ୍ଥାନୀୟ ଲୋକଙ୍କୁ ପଚାରିଲୁ ଯେ ସେଠାରେ ସମୁଦ୍ର ଥିଲା । କାଳକ୍ରମେ ଏକ ଭୂମିକମ୍ପ ଦ୍ୱାରା ଏହି ପରିବର୍ତ୍ତନ ହୋଇ ପାହାଡ଼ ଏବଂ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଛି, ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସମସ୍ତେ ମନଭରି ଉପଭୋଗ କରିଛନ୍ତି । ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଉକ୍ତ ସହରକୁ ଚାରିପଟୁ ସମୁଦ୍ର ଆଚ୍ଛାଦିତ କରି ରଖିଛି । ଏଠାରେ ଜଳପଥ ହିଁ ସର୍ବଶ୍ରେଷ୍ଠ ଭରସା କହିଲେ ଅତ୍ୟୁକ୍ତି ହେବନାହିଁ । ୯ ତାରିଖ ଦିନ ସକାଳ ୭ଟା ସମୟରେ ଆମ୍ଭେ ପୋର୍ଟବ୍ଲେୟାର ଉଷ୍ଟରନ୍ୟାସନାଲ ଏହାର ପୋର୍ଟରେ ପହଞ୍ଚିଲୁ ସେଠାରୁ କଲିକତାର ଦମ୍ ଦମ୍ ଏହାର ପୋର୍ଟରେ ୩ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା ଏବଂ ସନ୍ଧ୍ୟାସୁଦ୍ଧା ଆମ୍ଭେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଯାଇଥିଲୁ ।



ଆଧ୍ୟାତ୍ମିକତା

# ଅମୃତ କଥା



ତାରକନାଥ ମୁଖାର୍ଜୀ

ମଲ୍ଲ ବଂଶର ଜଣେ ବ୍ୟକ୍ତି ଯାହାଙ୍କ ନାମ ରୋଜମଲ୍ଲ ଥିଲା । ତଥାଗତ ବୁଦ୍ଧଙ୍କ ଅନୁରାଗୀ କିନ୍ତୁ ସେ ତାଙ୍କ ଅନୁଗାମୀ ନ ଥିଲେ । ବିଶେଷ କରି ଭିକାରୀ ହୋଇ କଠୋର ଜୀବନଯାପନ ଆଉ ଗୃହହୀନ ହୋଇ କ୍ରମାଗତ ପରିବ୍ରାଜନ ତାଙ୍କର ଭଲ ଲାଗୁ ନଥିଲା । କିନ୍ତୁ ତଥାଗତଙ୍କ ପ୍ରସିଦ୍ଧ ତେଜ ବଣରେ ସେ ପ୍ରାୟ ଯାଉଥିଲେ । ବୁଦ୍ଧଙ୍କ ପ୍ରିୟ ଭାଇ ଓ ଅନୁଚର ଆନନ୍ଦ ରୋଜମଲ୍ଲଙ୍କ ବନ୍ଧୁ ଥିଲେ । ରୋଜମଲ୍ଲ ଆନନ୍ଦଙ୍କୁ ବହୁତ ଭଲ ପାଉଥିଲେ । ଦିନେ ସେ ନିଜେ ତେଜ ବଣକୁ ଯାଇ ଆନନ୍ଦକୁ ନିଜ ଗୃହକୁ ଭୋଜନ ପାଇଁ ନିମନ୍ତ୍ରଣ କରି ଆସିଲେ । ଆନନ୍ଦ ବୁଦ୍ଧଙ୍କ ଅନୁମତି ନେଇ ସାଙ୍ଗ ସହିତ ଦେଖା କରିବାକୁ ଗଲେ । ରୋଜମଲ୍ଲ ତାଙ୍କୁ ନାନା ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଆହାର କରାଇଲେ । ତା'ପରେ ତାଙ୍କ ନିକଟରେ ବସି ମିଠା କଥାରେ ତାଙ୍କ ମନ ଭୁଲେଇବାକୁ ଚେଷ୍ଟା କଲେ । ନିଜ ଗୃହରେ ଭୋଗର ଉପକରଣ ଗୁଡ଼ିକ ଦେଖେଇ ସୁଖର ପ୍ରଲୋଭନ ଦେଖେଇଲେ । ଆନନ୍ଦ ନୀରବରେ ବନ୍ଧୁଙ୍କ କଥା ଶୁଣିବାକୁ ଲାଗିଲେ ।

ତା'ପରେ ଯେତେବେଳେ ରୋଜମଲ୍ଲ ତାଙ୍କୁ କହିଲେ ଯେ ତାଙ୍କ ଗୃହରେ ଯେଉଁ ସବୁ ଭୋଗ କରିବାର ଉପକରଣ ମାନ ଅଛି ତାହା ଦୁଇ ଭାଗରେ ଭାଗ କରି ତାଙ୍କୁ ଗୋଟିଏ ଭାଗ ଦେବେ । ଦୁହେଁ ଏକାଠି ତାଙ୍କ ଗୃହରେ ବାସ କରିବା ପାଇଁ ଅନୁରୋଧ ଜଣାଇଲେ । ବନ୍ଧୁଙ୍କ ଏପରି ମନୋଭାବ ଥିବା କଥା ଆନନ୍ଦଙ୍କୁ ଜଣା ନଥିଲା । ଆନନ୍ଦ ତାଙ୍କୁ କହିଲେ, ଦେଖ ଭାଇ ଇନ୍ଦ୍ରିୟ ସେବା ବହୁତ ଦୁଃଖର କାରଣ । ଇନ୍ଦ୍ରିୟ ସୁଖ ତ୍ୟାଗ କଲେ ମଣିଷ ଶାନ୍ତିରେ ଦିନ ବିତେଇ ପାରିବ । ଏହି କଥା କହି ଆନନ୍ଦ ସିଧା ବିହାରରେ ପ୍ରବେଶ କଲେ ।

ତଥାଗତଙ୍କ ସହିତ ଦେଖାହବାରୁ ସେ ପଚାରିଲେ ରୋଜମଲ୍ଲ କ'ଣ କହିଲେ । ଆନନ୍ଦ ଉତ୍ତର ଦେଲେ ସେ ତାଙ୍କୁ ଗୃହୀ ହେବା ପାଇଁ ଅନୁରୋଧ ଜଣାଇଲେ । ମୁଁ ତାଙ୍କୁ ଗୃହବାସ ଓ ଇନ୍ଦ୍ରିୟ ସେବାର ଦୋଷ ବର୍ଣ୍ଣନା କରିଛି ।

ତଥାଗତ କହିଲେ ଦେଖ, ଏଥିରେ ମଧ୍ୟ ତାର ଚୈତନ୍ୟ ହେବ ନାହିଁ । କାରଣ ରୋଜମଲ୍ଲ ତୁମକୁ କେବଳ ଏହି ଜନ୍ମରେ ଗୃହୀ ହବାକୁ କହିନି । ପୂର୍ବ ଜନ୍ମରେ ବି ସେ ଏହି ସମାନ ବ୍ୟବହାର ମୋ ସହିତ ମଧ କରିଥିଲା । ଏହା କହି ସେ ପୂର୍ବ ଜନ୍ମର ଏକ କାହାଣି ବର୍ଣ୍ଣନା କରିବାକୁ ଆରମ୍ଭ କଲେ ।

ପୁରାକାଳରେ ବାରନାସୀ ରାଜା ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ୱ ଏକ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ବୟସ ହେବା ପରେ ସେ ପ୍ରବ୍ରଜ୍ୟ ଅବଲମ୍ବନ କରିବାରୁ ତାଙ୍କ ନା ହୁଏ ବଚ୍ଛନଖ, ସନ୍ୟାସ ପରେ ଦୀର୍ଘଦିନ ସେ ହିମାଳୟରେ କଠୋର ସାଧନାରେ ନିମଗ୍ନ ଥିଲେ । ବଚ୍ଛନଖ ଥରେ ଲୁଣ ଓ ଖଟା ପାଇଁ ବାରାନାସୀରେ ଉପସ୍ଥିତ ହୋଇଥିଲେ । ସେ ରାଜ ଉଦ୍ୟାନରେ ଅବତରଣ କଲେ । ସେହି ନଗରରେ ଶ୍ରେଷ୍ଠୀ ନାମରେ ଜଣେ ବାସ କରୁଥିଲେ । ସେ ଭିକ୍ଷାଦାନ କରୁଥିଲେ କିନ୍ତୁ ଭିକ୍ଷାବ୍ରତ ଅବଲମ୍ବନ

କରି ଜୀବନଧାରଣ କରିବା ତାଙ୍କୁ ପସନ୍ଦ ନ ଥିଲା । ଭିକ୍ଷା ଗ୍ରହଣ କରିବା ପାଇଁ ବଛନଖକୁ ଦେଖି ଶ୍ରେଷ୍ଠୀଙ୍କୁ ବହୁତ ଭଲ ଲାଗିଲା, ସେ ଭିକ୍ଷୁଙ୍କୁ ନିମନ୍ତ୍ରଣ କଲେ ଏବଂ ନିଜ ଗୃହକୁ ନେଇ ଯାଇ ତାଙ୍କୁ ଉତ୍ତମ ଭୋଜନରେ ତୃପ୍ତ କଲେ । ଶ୍ରେଷ୍ଠୀଙ୍କ ଗୃହ ନିକଟରେ ଥିଲା ବିରାଟ ଉଦ୍ୟାନ, ସେ ବଛନଖଙ୍କୁ ଅନୁରୋଧ କଲେ, ଯେତେଦିନ ସେ ଲୋକାଳୟରେ ରହିବେ ସେତେଦିନ ଯେପରି ସେହି ଉଦ୍ୟାନରେ ରାଜି ହେଲେ, ଧୀରେ ଧୀରେ ଦୁଇଜଣଙ୍କ ମଧରେ ବନ୍ଧୁତ୍ୱ ସ୍ଥାପନ ହେଲା । ଶ୍ରେଷ୍ଠୀ ଠିକ କଲେ ବଛନଖଙ୍କୁ ପ୍ରବ୍ରଜ୍ୟ ତ୍ୟାଗ କରେଇ ନିଜ ସଂପତ୍ତିର ଅଧା ଦାନ କରିବେ । ସେ ଦିନେ କହିଲେ ପ୍ରବ୍ରଜ୍ୟ ବଡ଼ ଦୁଃଖମୟ, ଗୃହବାସରେ ହିଁ ସୁଖ । ମୋ ଗୃହ ଧନ ଓ ଅର୍ଥରେ ପୂର୍ଣ୍ଣ ଏଠାରେ ନିରୁଦ୍-ବେଗରେ ବାସ କରନ୍ତୁ । ଏହି କଥା ଶୁଣି ବୋଧିସତ୍ତ୍ୱ କହିଲେ, ମହା ଶ୍ରେଷ୍ଠୀ ତୁମେ ଜାଣିନ ତେଣୁ ଇନ୍ଦ୍ରିୟ ସୁଖର ଅଭିଳାଷ କରୁଛ, ଗୃହୀ ଜୀବନର ଗୁଣ ଓ ସନ୍ୟାସର ଦୋଷ ବର୍ଣ୍ଣନା କରୁଛ ।

ଏହି ଜୀବନରେ ମଣିଷ ସଂପତ୍ତି ରକ୍ଷା ପାଇଁ ସର୍ବଦା ବ୍ୟସ୍ତ । ଅର୍ଥ ରୋଜଗାର କରିବା ପାଇଁ ମିଥ୍ୟା ଆଚରଣ କରନ୍ତି । ସାର୍ଥ ପାଇଁ ଅନ୍ଧ ହୁଅନ୍ତି । ଲୋକମାନଙ୍କୁ ହଇରାଣ କରନ୍ତି । ଏପରି ଭାବରେ ସେମାନେ ପାପରେ ଲିପ୍ତ ହୁଅନ୍ତି । ଏହା ହେଲା ଗୃହୀ ଜୀବନର କୁଫଳ ।

ସେହି ଶ୍ରେଷ୍ଠୀ ହେଲା ରୋଜମଲ୍ଲ ଏହା କହି ବଛନଖ ସେହି ଉଦ୍ୟାନ ତ୍ୟାଗ କରି ହିମାଳୟକୁ ଗମନ କଲେ ।



ମହ୍ଲାସାହି, ମଙ୍ଗଳାବାଗ
କଟକ-୧



English Section

# MY LODESTAR

**Sri Ram Kalyan**



I remember the days,
Dusting, as I roll them back
To the dim, dark ends of decades,
In my eyes, in my heart,
In the remotest recesses of my soul,
That old city school where we studied,
A lowly, motley of thatch, tile and tin,
A few rows of desks between us.

How often my eyes would wander,
Longing for a glimpse of thee!
A picture of poise, steady and still,
Oblique, thy look's hint of kill,
The dimpled mystique to thy smile,
How I wished to dive to fathom thee!
Amidst rewards and reverence
At your class-ic excellence.
No shared glances, no letters exchanged,
For far too tender hearted we were.

And then the silence fell,
Dark, freezing, un-forgiving,
The phantom chasm, all-consuming,
Treacherously tearing us apart,
When the moments became a blur,
And the blur, a memoir!

How I learnt to live with the void!
Fifty long years of emptiness,
Until an awakening broke within
A new sunshine streaking the skyline,
For a new era had dawned,
As social media defined the world,
Resurrecting the forgotten and gone,
The old order lay re-discovered,
The old connects restored.
And lo, how incredible!
She is back again, all her glory ablaze.

"It's me," screamed her video call
"Your old flame at school."
What a life-time revelation!
I wondered, shocked with awe.
Despite her age, how serene,
How silky her words drift,
Her look, lambent, still bewitching,
Her smile, dimpled, still beguiling.

A waking dream thou art, O dear,
The Lodestar of my firmament,
A beacon amidst all heavenly beings,
Live on O love, long, long after me.




ବନ୍ଦନା,

ତୁମେ ଆମ ସମସ୍ତଙ୍କୁ ଛାଡ଼ି ଅସମୟରେ ଆରପାରିକୁ ଚାଲିଗଲ । ନାରୀସୁରକ୍ଷା ପରିବାରର ଆମେ ସମସ୍ତେ ଏଥିପାଇଁ ଅତ୍ୟନ୍ତ ମର୍ମାହତ । ତୁମେ ଯେଉଁଠି ଥାଅ ନା କାହିଁକି ନାରୀସୁରକ୍ଷା ଥିବା ପର୍ଯ୍ୟନ୍ତ ତୁମର ସ୍ମୃତି ଚିରସ୍ମରଣୀୟ ହୋଇ ରହିବ । ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ ।





NARI SURAKSHYA
RNI Regd. No. 52604/93

JUNE - 2026

POSTAL REGD. NO:CK(C)-14/2024-2027



# THE DIAMOND TRIANGLE

Dr. Pravati Mishra

